# ଶ୍ରାବଣ ପ୍ରଥମ ସୋମବାର ଆଜି; ଉତ୍ସାହିତ କାଉଡ଼ିଆ

ରାଉରକେଲା, ୨୧।୭ (ସମିସ)



ଶ୍ରାବଣରେ ମହାଦେବଙ୍କ ମସ୍ତକରେ ଜଳ ଲାଗି କଲେ କୋଟି ପୁଣ୍ୟ ମିଳେ। ସେଥିପାଇଁ ମାନସିକଧାରୀ ବର୍ଷା ଖରାକୁ ଖାତିର ନ କରି ମାଇଲ ମାଇଲ ରାସ୍ତା ଖାଲିପାଦରେ ଚାଲି ନଦୀରୁ ଜଳ ଧରି ଆସିଥାନ୍ତି। ଅଭିପ୍ରାୟ ଥାଏ, ମହାଦେବଙ୍କ ଲିଙ୍ଗରେ ଜଳଲାଗି କରିବେ। ଆସନ୍ତାକାଲି ଶ୍ରାବଣର ପ୍ରଥମ ସୋମବାର ଜଳାଭିଷେକ କରିବାକୁ ସବୁଆଡ଼େ ପ୍ରସ୍ତୁତି ସରିଛି। ବିଶେଷକରି ବେଦବ୍ୟାସ ପୀଠ, ତରକେରା ମନ୍ଦିର ଓ ଘୋଘଡ଼ ଧାମରେ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଅନ୍ୟ ଶିବ ମନ୍ଦିରରେ ମଧ୍ୟ ପ୍ରସ୍ତୁତି କରାଯାଇଛି। କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଓଁ ନମଃ ଶିବାୟ... ବୋଲ ବମ୍... ସ୍ୱର ଦେଖିବାକୁ ମିଳିଛି। ଭୋଲେ ବାବା ପାର୍ କରେଗା, ଜଟାଧାରୀ ପାର କରେଗା, ବୋଲୋରେ ବୋଲୋ ବୋଲ ବମ୍ ଏଭଳି ଧ୍ୱନିରେ ପ୍ରକମ୍ପିତ ହେବ ନଦୀପଠାରୁ ଶିବାଳୟ ପର୍ଯ୍ୟନ୍ତ।

ଆସନ୍ତାକାଲି ଶ୍ରାବଣ ମାସର ପ୍ରଥମ ସୋମବାର। କାଉଡ଼ିଆମାନେ ମହାଦେବଙ୍କ ଉପରେ ଜଳଲାଗି କରିବେ। ଏଥିପାଇଁ ବଜାରରେ ମଧ୍ୟ ବାହୁଙ୍ଗୀଠାରୁ ଆରମ୍ଭ କରି ମାଟି କଳସ ଆଦି ବୋଲବମ୍ ସାମଗ୍ରୀ ସଜେଇ ହୋଇଗଲାଣି। କାଉଡ଼ିଆମାନେ ବଜାର ମୁହାଁ ହେଲେଣି। ଦୋକାନୀ ମଧ୍ୟ ବ୍ୟବସାୟ ପାଇଁ ପ୍ରସ୍ତୁତି ସାରିଲେଣି। ବିଶେଷକରି ବେଦବ୍ୟାସ, ପାନପୋଷ, ଏସଟିଆଇ, ଡେଲି ମାର୍କେଟ, ବିଶ୍ରାଠାରେ ଦୋକାନଗୁଡ଼ିକରେ ବୋଲବମ ସାମଗ୍ରୀ ଅଧିକ ବିକ୍ରି ହେଉଥିବାରୁ ଲୋକଙ୍କ ଗହଳି ବେଶୀ ଦେଖିବାକୁ ମିଳିଛି। ବାଉଁଶ ବାହୁଙ୍ଗୀର ମୂଲ୍ୟ ୧୮୦ ଟଙ୍କାରୁ ଆରମ୍ଭ କରି ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବାହୁଙ୍ଗୀ ସେଟ୍‌ର ମୂଲ୍ୟ ୨୦୦ ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ବେତ ବାହୁଙ୍ଗୀ ମୂଲ୍ୟ ଟିକେ ଅଧିକ ରହିଛି। ଏହା ୮୦୦ରୁ ୧୦୦୦ ଟଙ୍କାରେ ବିକ୍ରି ହେଉଛି। ବାହୁଙ୍ଗୀ ବନେଇବା ପାଇଁ ଲାଗୁଥିବା ପ୍ଲାଷ୍ଟିକ ଶିବଲିଙ୍ଗ, ସାପ, ବେଲପତ୍ର, ତ୍ରିଶୂଳ, ଧୂପଦାନୀ, ଘୁଙ୍ଗୁର, ଘଣ୍ଟି, ହାତୀ ଶୁଣ୍ଢ, ମଥା ବନ୍ଧା ଫିତା ୧୫ ଟଙ୍କାରୁ ଆରମ୍ଭ ହୋଇ ୪୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଶିକା ମୂଲ୍ୟ ୪୦ ଟଙ୍କାରୁ ଆରମ୍ଭ କରି ୭୦ ଟଙ୍କା ପର୍ଯ୍ୟନ୍ତ ରହିଛି। ମାଟି କଳସ ୩୦ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ପିତଳ କଳସ ଆକାର ଏବଂ ଓଜନ ଅନୁଯାୟୀ ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବିଶେଷକରି ବୋଲବମ୍ ଯିବା ସମୟରେ କାଉଡ଼ିଆମାନେ ପିନ୍ଧୁଥିବା ମହାଦେବ ଓ ଦେବୀ ପାର୍ବତୀଙ୍କ ଚିତ୍ରଥିବା ଟି-ସାର୍ଟର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଗେରୁଆ ରଙ୍ଗର ପ୍ୟାଣ୍ଟ୍ ୧୨୦ ଟଙ୍କାରେ ବିକ୍ରି ହେଉଛି। ଶ୍ରାବଣର ପ୍ରଥମ ସୋମବାର ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

## କାଉଡ଼ିଆ ଦଳଙ୍କ ସୁଲତାନଗଞ୍ଜ ଯାତ୍ରା



ରାଉରକେଲା, ୨୧।୭ (ସମିସ): ବନ୍ଧମୁଣ୍ଡା ବି ସେକ୍ଟର ନାଇନ ଷ୍ଟାର କ୍ଲବର ହର ହର ମହାଦେବ ଓଡ଼ିଶା ବମ୍ ସଂଘର କାଉଡ଼ିଆ ଦଳ ବାବା ଧାମ ସୁଲତାନଗଞ୍ଜ ଯାତ୍ରା କରିଛନ୍ତି। ଦଳରେ ଅଜୟ ସିଂଦେଓ, ରାଜୁ ପ୍ରସାଦ, ସୁଭାଷ ମୁଖୀ, ସାଗର ମୁଖୀ, ରାଜକୁମାର ମୁଣ୍ଡା, ନବୀନ ସିଂ, ସୁମିତ ଶର୍ମା, ବିକାଶ ରାଉତ, କାର୍ତ୍ତିକ, ରାଜୀବ ବେହେରା, ସୁବୋଧ ସାହୁ, ଅଜୟ ମଲ୍ଲିକ, ବିଟୁ ମୁଖୀ ସମେତ ଅନ୍ୟମାନେ ପାଞ୍ଚଦିନିଆ କାଉଡ଼ି ଯାତ୍ରା କରିଛନ୍ତି। ଏମାନେ ଗଙ୍ଗାରେ ସ୍ନାନ କରିବା ପରେ ସେଠାରୁ ଜଳ ଉଠାଇ ୧୦୫ କିମି ଯାତ୍ରା କରି ବାବାଧାମ ପହଞ୍ଚି ବାବା ବୈଦ୍ୟନାଥଙ୍କୁ ଜଳାଭିଷେକ କରିବେ ବୋଲି ଜଣାପଡ଼ିଛି।

## ସାଇକଲ ମିସ୍ତ୍ରିଙ୍କୁ ପଥରରେ ଛେଚି ହତ୍ୟା

ରାଉରକେଲା, ୨୧।୭ (ସମିସ): ଜଣେ ସାଇକଲ ମିସ୍ତ୍ରିଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରାଯିବା ଘଟଣା ଲାଠିକଟା ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ଲାଠିକଟା ଥାନା ସାନ କର୍ଲାଖମନ୍ ଗାଁର ଲରେନ୍ସ ଗୁଡ଼ିଆ (୫୫)। ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ କର୍ଲାଖମନ୍ ଗାଁର ଗାନ୍ଧୀ କ୍ଲବ ପଡ଼ିଆ ନିକଟରେ ପଡ଼ିଥିବା ଦେଖିବାକୁ ମିଳିଥିଲା।

ଲରେନ୍ସ କଟିନ୍ ଛକସ୍ଥିତ ୧୪୩ ନମ୍ବର ଜାତୀୟ ରାଜପଥ କଡ଼ରେ ଏକ ସାଇକଲ ମରାମତି ଦୋକାନରେ କାମ କରନ୍ତି। ଦୈନନ୍ଦିନ ସକାଳୁ ସେ ଟିଫିନ ନେଇ ଘରୁ କାମକୁ ବାହାରନ୍ତି ଏବଂ ସନ୍ଧ୍ୟା ୫ଟାରେ ଫେରି ଆସନ୍ତି। ତାଙ୍କ ପୁତୁରା ବିକାଶଙ୍କ ସୂଚନା ମୁତାବକ ଶନିବାର ସକାଳ ସାଢ଼େ ୭ଟାରେ ଲରେନ୍ସ ଟିଫିନ ବକ୍ସ ଧରି ସାଇକଲ ଯୋଗେ କଟିନ୍ ଛକସ୍ଥିତ ଦୋକାନକୁ ବାହାରିଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଏଣେ ତେଣେ ଖୋଜାଖୋଜି କରି ନିରାଶ ହୋଇଥିଲେ। ରବିବାର ସକାଳେ କର୍ଲାଖମନ୍ ଗାନ୍ଧୀ କ୍ଲବ ପଡ଼ିଆରେ ଲରେନ୍ସଙ୍କ ରକ୍ତ ଜୁଡୁବୁଡୁ ଶବ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଲରେନ୍ସଙ୍କ ମୁଣ୍ଡ ଏବଂ ମୁହଁରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ତେବେ ହତ୍ୟାକାରୀ କିଏ ଏବଂ ଏହି ବୀଭତ୍ସ ହତ୍ୟାକାଣ୍ଡ ପଛର କାରଣ କ'ଣ ସେ ବିଷୟରେ କିଛି ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ କିଛିଦିନ ତଳେ କଟିନ୍ ଅଞ୍ଚଳର ୨ ଯୁବକ ଲରେନ୍ସଙ୍କ ଘରକୁ ଯାଇ ତାଙ୍କୁ ଧମକଚମକ ଦେଇଥିଲେ ବୋଲି ପରିବାର ଲୋକେ କହିଛନ୍ତି। ପୁଲିସ ଏହି ଦିଗ ପ୍ରତି ଦୃଷ୍ଟି ଦେଇ ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ହତ୍ୟା ମାମଲା ରୁଜୁ କରାଯାଇଛି।

## ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ

**ଅଭିଯୁକ୍ତ ଗିରଫ**

ସୁନ୍ଦରଗଡ଼, ୨୧।୭ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଅଭିଯୋଗରେ ସୁନ୍ଦରଗଡ଼ ସଦର ଥାନା ପୁଲିସ ଭେଡ଼ାବାହାଲ ଗ୍ରାମର ରାକେଶ ସେଠ ଓରଫ ଆଶିଷ (୨୪)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ରାକେଶ ବିବାହ ପ୍ରତିଶ୍ରୁତି ଦେଇ ଏହି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲେ। ପରବର୍ତ୍ତୀ ସମୟରେ ବିବାହ କରିବା ପରିବର୍ତ୍ତେ ଧରାଛୁଆଁ ଦେଇ ନ ଥିଲେ। ଯୁବତୀ ଜଣକ ଏ ନେଇ ଥାନା ଦ୍ୱାରସ୍ଥ ହେବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଗଛରୁ ପଡ଼ି ନାବାଳକ ମୃତ

ରାଉରକେଲା, ୨୧।୭ (ସମିସ): ଗଛରୁ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବ୍ରାହ୍ମଣୀତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଗୋପପାଲି ବସ୍ତିର ଶନି ଲୁଗୁନ (୧୭)। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ଶନି ଏକ ଗଛ ଡାଳରେ ଝୁଲୁଥିଲେ। ହଠାତ୍ ଡାଳ ଭାଙ୍ଗିଯାଇଥିଲା। ଫଳରେ ସେ ତଳେ ପଡ଼ିଯିବାରୁ ଏକ ପଥରରେ ତାଙ୍କ ମୁଣ୍ଡ ବାଜି ଫାଟିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ପୁଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପୋଲ ତଳୁ ନରକଙ୍କାଳ ଉଦ୍ଧାର

କୋଇଡ଼ା, ୨୧।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ଅନ୍ତର୍ଗତ କାଲଟା ଫାଣ୍ଡି ଅଞ୍ଚଳରେ ଏକ ନରକଙ୍କାଳ ଉଦ୍ଧାର ହୋଇଛି। ୫୨୦ ନମ୍ବର ଜାତୀୟ ରାଜପଥର କୋଇଡ଼ା ରାଜାମୁଣ୍ଡା କୁକୁଡ଼ା ଝରଣ ପୋଲ ତଳେ ଏକ ନରକଙ୍କାଳ ପଡ଼ିଥିବା ଖବର ପାଇ ଶନିବାର ସନ୍ଧ୍ୟାରେ କୋଇଡ଼ା ଥାନା ପୁଲିସ ଓ ରାଉରକେଲା ଫୋରେନସିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କଙ୍କାଳ ଉଦ୍ଧାର କରିଛନ୍ତି। କଙ୍କାଳ ପାଖରେ ପଡ଼ିଥିବା ଦୁଇଟି ବ୍ୟାଗ ଓ ଜରିରେ ଆଧାର କାର୍ଡ, ପ୍ୟାନ କାର୍ଡ, ପାସପୋର୍ଟ ସାଇଜ ଫଟୋ ଆଦି ଭିନ୍ନ ଭିନ୍ନ ବ୍ୟକ୍ତିଙ୍କର ହୋଇଥିବାରୁ ଶବ ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି। ୨୦/୨୫ ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। କଙ୍କାଳ ନିକଟରେ ପଡ଼ିଥିବା କାଗଜପତ୍ର ଅନୁଯାୟୀ ଏହା ଛତିଶଗଡ଼ ରାଜ୍ୟର ମନୋଜ ପାଶ୍ୱାନ ନାମକ ବ୍ୟକ୍ତିଙ୍କର ବୋଲି ଅନୁମାନ କରାଯାଉଥିବା ବେଳେ ଅନ୍ୟ ଏକ ଜରିରୁ ବୁଧୁ ମୁଣ୍ଡା ନାମକ ବ୍ୟକ୍ତିଙ୍କ ଆଧାର କାର୍ଡ ମିଳିବା ପରେ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ମନୋଜ ପାଶ୍ୱାନ କାଲଟା ନିକଟ କୁସୁମଡ଼ି ବସ୍ତିରେ ସ୍ତ୍ରୀ ଓ ପିଲାମାନଙ୍କ ସହ ରହୁଥିଲେ। ସେ ମାସେ ହେଲା ଘରକୁ ଫେରି ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ପତଞ୍ଜଳି ଯୋଗ ପରିବାର ପକ୍ଷରୁ ଗୁରୁ ପୂର୍ଣ୍ଣିମା





ରାଉରକେଲା, ୨୧।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ପରିବାର ତରଫରୁ ସେକ୍ଟର-୧୯ ଶାରଳା ମନ୍ଦିର ପରିସରରେ ରବିବାର ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଛି। ଅରବିନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ଯଜମାନ ସପତ୍ନିକ କେଦାରନାଥ ହୁଇଙ୍କ ଦ୍ୱାରା ସମସ୍ତଙ୍କ ମଙ୍ଗଳାର୍ଥେ ପ୍ରଥମେ ବୈଦିକ ରୀତି ଅନୁଯାୟୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସହପ୍ରଭାରୀ ଅକ୍ରୂର ମାର୍ଥା ମୁଖ୍ୟଅତିଥି ରୂପେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହକୁ ଶୁଭାରମ୍ଭ କରିଥିଲେ।

ଉଲ୍ଲେଖନୀୟ କର୍ତ୍ତବ୍ୟ ଓ ଜିଲ୍ଲାକୁ ସର୍ବଶ୍ରେଷ୍ଠ କରିବାରେ ନିରନ୍ତର ପ୍ରୟାସ ତଥା ଅବଦାନ ପାଇଁ ରାଜ୍ୟ ସହପ୍ରଭାରୀ ଅକ୍ରୂର ମାର୍ଥାଙ୍କୁ ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର ବେହେରା ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ମାର୍ଥା ତାଙ୍କ ବୈଦିକ ଭାଷଣରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ସେ ପବିତ୍ର ଗୁରୁ ପୂର୍ଣ୍ଣିମାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଗୁରୁଙ୍କ ମହତ ବାଣୀକୁ ଅନୁସରଣ କଲେ ସମାଜ, ଦେଶ ଓ ବିଶ୍ୱର ଉଜ୍ଜ୍ୱଳ ଭବିଷ୍ୟତ ଓ ସମୃଦ୍ଧି ସମ୍ଭବ ହେବ ବୋଲି ସେ ପ୍ରକାଶ କରିଥିଲେ। ଆମ ବୈଦିକ ରୀତି ଓ ସଂସ୍କୃତିକୁ ପାଳନ କରିବା ସହ ଏହାକୁ ବିଶ୍ୱରେ ପ୍ରଚାର ପ୍ରସାର କରିବା ଆମ ଗୁରୁ ଦାୟିତ୍ୱ ବୋଲି କହିଥିଲେ। ଜିଲ୍ଲା ବିଏସଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲ୍ଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲ୍ଲା ମହିଳା ସୋସିଆଲ ମିଡିଆ ପ୍ରଭାରୀ ଆରତୀ କର, ଜିଲ୍ଲା ବିଏସଟି ମହାମନ୍ତ୍ରୀ ଆରତୀ ସାହୁ, ପୁରୋହିତ ଅରବିନ୍ଦ ପଣ୍ଡା, ବରିଷ୍ଠ ଯୋଗ ଶିକ୍ଷୟିତ୍ରୀ ମନୋରମା ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କେନ୍ଦ୍ରର ଯୋଗ ଶିକ୍ଷୟିତ୍ରୀ କୁନ୍ତଳା ସ, ଝରଣା ବେହେରା ଓ ସୁନତି ପ୍ରଧାନ ସ୍ୱାଗତ ବନ୍ଦନା ଗାନ କରିଥିଲେ। ଜିଲ୍ଲା ମହିଳା କୋଷାଧ୍ୟକ୍ଷା ବିଷ୍ଣୁପ୍ରିୟା ଦାଶ ଓ ରେଖା ନାୟକ, ସତାବ୍ଦୀ ଦାସ, ମଞ୍ଜୁଲତା ମୋହିନୀ ଗୁରୁ ବନ୍ଦନା ଗାନ କରିଥିଲେ। ଜିଲ୍ଲା ମହିଳା ସଂଗଠନ ମନ୍ତ୍ରୀ ସନ୍ଧ୍ୟାରାଣୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ବାଦ ପ୍ରଭାରୀ କୌଶଲ୍ୟା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ସାରଳା ମନ୍ଦିର କମିଟି ତରଫରୁ ସହଯୋଗ କରୁଥିବାରୁ ସଭାପତି ରମାନାଥ ସଙ୍କୁ ପୁଷ୍ପଗୁଚ୍ଛ ଦେଇ ମାର୍ଥା ସମ୍ବର୍ଦ୍ଧିତ କରିଥିଲେ। ଯୋଗ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ, କୁନ୍ତଳା ସ ଓ ତାଙ୍କ ଟିମ୍ ସହଯୋଗ କରିଥିଲେ। ଜିଲ୍ଲା ମହିଳା ମହମନ୍ତ୍ରୀ ରଞ୍ଜିତା ପାଣିଗ୍ରାହୀ, ବରିଷ୍ଠ ଯୋଗ ଶିକ୍ଷକ କଳ୍ପନା ପଣ୍ଡା, କନକଲତା ଜେନା, ତପସ୍ୱିନୀ ସାହୁ, ମମତା ରାଉତଙ୍କ ସମେତ ଯୋଗ ଶିକ୍ଷକ, ସାଧକ ସାଧିକା ଉପସ୍ଥିତ ଥିଲେ।

## ବନ୍ଧମୁଣ୍ଡାରେ ଚାରାରୋପଣ କାର୍ଯ୍ୟକ୍ରମ

ରାଉରକେଲା, ୨୧।୭ (ସମିସ): ବନ୍ଧମୁଣ୍ଡାସ୍ଥିତ ଆର୍ କ୍ୟାବିନ୍, ସେକ୍ଟର ସି ମଧୁ ମଣ୍ଡପ ଓ ଡିଜେଲ କଲୋନୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ମିଳିତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ହାଇଟେକ୍ ହସ୍ପିଟାଲ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବର, ଶିଶୁ, ନିମ୍ବ, କାଜୁ, କୃଷ୍ଣଚୂଡ଼ା ସମେତ ଅନ୍ୟ ଚାରା ଲଗାଯାଇଥିଲା।



ହାଇଟେକ୍ ହସ୍ପିଟାଲ ସିଇଓ ସୁଶାନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ବନ୍ଧମୁଣ୍ଡା କଲେଜର ଛାତ୍ର, ଶିକ୍ଷକ, ସହିଦ ଭଗତ ସିଂହ କ୍ଲବ୍ ସଦସ୍ୟ, ଜୟହିନ୍ଦ୍ କ୍ଲବ୍ ସଦସ୍ୟ, ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ, ସ୍ୱିଟ୍ ଷ୍ଟାର କ୍ଲବ୍ ସଦସ୍ୟ, ବିଜେଡିର ଡି ଅଭିକ କୁମାର, ଚନ୍ଦନ ତରାଇ, ସନ୍ତୋଷ କୁମାର ଦାସ, ବିବିଆର୍ ଜଗାରାଓ, ଶ୍ରୀକାନ୍ତ ରାଉତ, ପଦ୍ମା ରାଓ, ମେରୀ ଟପ୍ପୋ, ଅମର ନାଥ, ଆଦିତ୍ୟ କୁମାର, ଅଭିଷେକ ସିଂ ପ୍ରମୁଖ ଚାରାରୋପଣ କରିଥିଲେ।

## ପ୍ରଗତି ଉତ୍କଳ ସଂଘରେ ଚାରାରୋପଣ




ରାଉରକେଲା, ୨୧।୭ (ସମିସ): ବୃକ୍ଷ ହିଁ ଜୀବନ। ପରିବେଶ ସନ୍ତୁଳନ ରକ୍ଷା ପାଇଁ ବ୍ୟାପକ ଚାରାରୋପଣର ଆବଶ୍ୟକତା ରହିଛି। ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ପ୍ରଗତି ଉତ୍କଳ ସଂଘ ସାହିତ୍ୟ-ସଂସ୍କୃତି କାର୍ଯ୍ୟକ୍ରମ ସହ ପରିବେଶ ସୁରକ୍ଷା ପାଇଁ ପ୍ରତିବର୍ଷ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନେଇଥାଏ। ଏହି କ୍ରମରେ ରବିବାର ସଂଘର ଏକ ଏକର ପରିମିତ ନିଜସ୍ୱ ଜମିରେ ଖାଲିଥିବା ସ୍ଥାନରେ ସଂଘ ପକ୍ଷରୁ ବିଭିନ୍ନ କିସମର ଚାରାରୋପଣ କରାଯାଇଛି। ଆର୍‌ଏସ୍‌ପି ସହର ସେବା ବିଭାଗ ମୁଖ୍ୟ ମହାପ୍ରବନ୍ଧକ ତଥା ସଙ୍ଘ ସଭାପତି ପ୍ରତାପ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଉପସ୍ଥିତ ସଦସ୍ୟମାନଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘ କର୍ମକର୍ତ୍ତା ଏବଂ ସଦସ୍ୟ ରଶ୍ମିରଞ୍ଜନ ବୋଇତାଇ, ରାଧାମୋହନ ନାୟକ, ଘନଶ୍ୟାମ ଧଳ, ଲକ୍ଷ୍ମଣନାଥ ଦାସ, ଅଶୋକ କୁମାର ପଟ୍ଟନାୟକ, ଅରବିନ୍ଦ ପାତ୍ର, ସତ୍ୟନାରାୟଣ ଦାଶ, ପ୍ରସନ୍ନ କୁମାର ମହାନ୍ତି, ଧରଣୀଧର ସାମଲ, ହରିହର ଶତପଥୀ, ଶୁଭ୍ରାଂଶୁ ଶେଖର ମହାପାତ୍ର, ପରୀକ୍ଷିତ ଗୁରୁ, ଇନ୍ଦ୍ରମଣି ମହାପାତ୍ର, ନିରଞ୍ଜନ ପଣ୍ଡା, ସୁନୀଲ ଦାସ, ଅମରେନ୍ଦ୍ର ପାଢ଼ୀ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ଘନଶ୍ୟାମ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋକାନ ଭାଙ୍ଗି ଘର ଭିତରେ ପଶିଗଲା ବୋଲେରୋ



**ଦୋକାନୀ ଆହତ**

ବଣାଇଁ, ୨୧।୭ (ସମିସ): ବଣାଇଁ ଥାନା ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମ ମଝିରେ ଥିବା ଛକରେ ବୋଲେରୋ ଦୁର୍ଘଟଣାରେ ଜଣେ ଦୋକାନୀ ଆହତ ହୋଇଛନ୍ତି। ନରେନ୍ଦ୍ରରୁ ବଣାଇଁ ଅଭିମୁଖେ ଏକ ବୋଲେରୋ ଦ୍ରୁତ ଗତିରେ ଆସୁଥିବା ବେଳେ କେନ୍ଦ୍ରିକଳା ଛକରେ ଦୋକାନ କରିଥିବା ଡିଲେଶ୍ୱର ସୂତାରଙ୍କ ଦୋକାନ ଭାଙ୍ଗି ଘର ଭିତରକୁ ପଶିଯାଇଥିଲା। ଏହି ଦୁର୍ଘଟଣାରେ ଡିଲେଶ୍ୱରଙ୍କ ଦୋକାନ ସମେତ ନିକଟରେ ଥିବା ବିନୋଦ ବେହେରାଙ୍କ ଘର ମଧ୍ୟ ଅଧା ଭାଙ୍ଗିରୁଜି ଯାଇଛି। ଘର କାନ୍ଥ ପଡ଼ି ଅଧିକାଂଶ ଆସବାବପତ୍ର ନଷ୍ଟ ହୋଇଛି। ଦୋକାନୀ ସମେତ ଘର ଲୋକେ ଆହତ ହୋଇଛନ୍ତି। ଚାଳକ ସମେତ ଦୁଇ ଜଣ ଯୁବକ ବୋଲେରୋରେ ଥିବା ବେଳେ ସମସ୍ତେ ନିଶାରେ ଚୁର ଥିବା କହିଛନ୍ତି ସ୍ଥାନୀୟ ଲୋକେ। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କହିଛନ୍ତି ପ୍ରତ୍ୟକ୍ଷଦର୍ଶୀ। ଦୋକାନୀଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଖବର ପାଇ ବଣାଇଁ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। ଉତ୍ୟକ୍ତ ଲୋକଙ୍କୁ ପୁଲିସ ବୁଝାଶୁଝା କରୁଛି। ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଏହି ଛକ ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଏଠାରେ ପୁଲିସ ଚେକ୍ ପୋଷ୍ଟ କରିବାକୁ ଦାବି ହେଉଛି।

## ସାମାନ୍ୟ ବର୍ଷାରେ ଉବୁଟୁବୁ ବଣାଇଁ ବସ୍‌ଷ୍ଟାଣ୍ଡ

ବଣାଇଁ, ୨୧।୭ (ସମିସ): ଯୁଆଡ଼େ ଦେଖିବ ଆଣ୍ଠୁଏ ପାଣି। ଟିକିଏ ବର୍ଷା ହେଲେ ଜଳମଗ୍ନ ହୋଇଯାଉଛି ପୂରା ଅଞ୍ଚଳ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବଣାଇଁ ବସଷ୍ଟାଣ୍ଡରେ। ଶନିବାର ସନ୍ଧ୍ୟାରେ ଅସରାଏ ବର୍ଷା ହେବାପରେ ଉବୁଟୁବୁ ହେଉଛି ବସଷ୍ଟାଣ୍ଡ ପରିସର। ଫଳରେ ବସ୍ କର୍ମଚାରୀ ଓ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସରୁ ଓହ୍ଲାଇବା ମାତ୍ରେ ଆଣ୍ଠୁଏ ପାଣି ଦେଇ ଯିବା ଆସିବା କରିବାକୁ ପଡୁଛି। ତଳେ ପାଣି ଜମି ରହିଥିବାରୁ ନିଜ ଜିନିଷପତ୍ର ବସରୁ ଓହ୍ଲାଇବାରେ ବାଧା ସୃଷ୍ଟି ହେଉଛି। ୨୪ ଘଣ୍ଟା ବିତିଥିଲେ ମଧ୍ୟ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ବାଧ୍ୟ ହୋଇ ସେହି ଆବର୍ଜନା ପାଣିରେ ପଶି ଯାତ୍ରୀମାନେ ଯିବାଆସିବା କରୁଛନ୍ତି। ଆଗକୁ ବଡ଼ ବର୍ଷା ହେଲେ ଅବସ୍ଥା ଆହୁରି ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ପେଟେ ମୁଖ୍ୟ ଫାଟକ ନିକଟରେ ଦୀର୍ଘଦିନ ହେବ ଏକ ଖାଲ ସୃଷ୍ଟି ହୋଇଥିବା ବେଳେ ବାଇକ୍‌ରେ ଯିବା ଆସିବା କରିବା ବେଳେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀ ଏ ଦିଗରେ ଧ୍ୟାନ ଦେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ସହରବାସୀ। ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କଲେ ଦୂର ଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସାଧାରଣ ବୈଠକ





ବଣାଇଁ, ୨୧।୭ (ସମିସ)

ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ସଭାଗୃହରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସୁନ୍ଦରଗଡ଼ ଜିଲ୍ଲା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ସଭାପତି ଦିଲୀପ କୁମାର ସାମଲ ଅଧକ୍ଷତା କାରିଥବା ବେଳେ ସଂଘ ସଦସ୍ୟ ପ୍ରାଣକୃଷ୍ଣ ପତି ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବୈଠକରେ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଭିନ୍ନ ସମୟରେ ଘଟୁଥିବା ସମସ୍ୟା ଉପରେ ଆଲୋଚନା ହେବା ସହ ଏହାର ପ୍ରତିକାର କିଭଳି କରାଯାଇ ପାରିବ ସେ ଉପରେ ସମସ୍ତଙ୍କ ମତାମତ ଗ୍ରହଣ କରାଯଇଥିଲା। କାର୍ଯ୍ୟ କିପରି ସୁରୁଖୁରୁରେ ହୋଇପାରିବ ସେ ନେଇ ସଭାପତି ନିଜର ମତ ପ୍ରକାଶ କରିଥିଲେ। ଜିଲ୍ଲାରେ ଥିବା ମହିଳା ରାଜସ୍ୱ କ୍ଷେତ୍ର ଅଧିକାରୀମାନଙ୍କୁ ଉପରିସ୍ଥ ଅଧିକାରୀମାନେ ଯେପରି ହଇରାଣ ହରକତ ନ କରନ୍ତି ସେଥିପ୍ରତି ବ୍ଲକସ୍ତରୀୟ ସଂଘ ସଭାପତିମାନଙ୍କୁ ଜଣାଇବା ପରେ ସେ ଯଦି ତା' ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି କିମ୍ବା ଅସମର୍ଥ ହୁଅନ୍ତି ଜିଲ୍ଲା ସଂଘକୁ ଜଣାଇବା ସହ ତାଙ୍କୁ କିପରି ସୁରକ୍ଷା ଦିଆଯାଇ ପାରିବ ସେ ନେଇ ବିଭିନ୍ନ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୫୦ରୁ ଅଧିକ ରାଜସ୍ୱ କ୍ଷେତ୍ର ଅଧିକାରୀ ଯୋଗଦେଇଥିଲେ। ଏଥିରେ ସମ୍ପାଦକ ଦୀପକ କୁମାର ନାୟକ, ଜଗା ଓରାମ, ଚିନ୍ମୟ ପଟେଲ, ପୀୟୂଷ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଚିନ୍ମୟ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଡା. ରଜତ ରାୟ ଆଇଏଫ୍‌ୟୁଏମ୍‌ବିର ରାଷ୍ଟ୍ରୀୟ ସଭାପତି ନିର୍ବାଚିତ

ରାଉରକେଲା, ୨୧।୭ (ସମିସ): ପ୍ରଫେସର ଡାକ୍ତର ରଜତ ରାୟ ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ଅଲଟ୍ରାସାଉଣ୍ଡ ମେଡିସିନ୍ ଆଣ୍ଡ ବାୟୋଲୋଜି (ଆଇଏଫ୍‌ୟୁଏମ୍‌ବି)ର ରାଷ୍ଟ୍ରୀୟ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ୪୬ ବର୍ଷ ଇତିହାସରେ ପ୍ରଥମ ଓଡ଼ିଆ ଡାକ୍ତର ଏହି ପଦବୀକୁ ନିର୍ବାଚିତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଡା. ରାୟ ଇଣ୍ଡିଆନ କଲେଜ ଅଫ ମେଡିକାଲ ଅଲଟ୍ରାସାଉଣ୍ଡ (ଆଇସିଏମ୍‌ୟୁ)ର ନ୍ୟାସନାଲ ଡିନ୍, ସୋସାଇଟି ଅଫ୍ ଫେଟାଲ୍ ମେଡିସିନ୍‌ର ରାଜ୍ୟ ସଭାପତି ମଧ୍ୟ ଅଛନ୍ତି। ୨୦୨୫-୨୬ ବର୍ଷ ପାଇଁ ପାଇଁ ସେ ଆଇଏଫ୍‌ୟୁଏମ୍‌ବିର ରାଷ୍ଟ୍ରୀୟ ସଭାପତି ନିର୍ବାଚିତ ହୋଇଛନ୍ତି।

# ବର୍ଷାରେ ଭାଙ୍ଗିଲା ଘର; ଅଳ୍ପକେ ବର୍ତ୍ତିଲେ ପରିବାର





କୋକସରା, ୨୧।୭ (ସମିସ)

ଲଘୁଚାପ ପ୍ରଭାବରେ ଗତ ଚାରିଦିନ ଧରି କଳାହାଣ୍ଡି ଜିଲ୍ଲା କୋକସରା ଅଞ୍ଚଳରେ ଝିପିଝିପି ବର୍ଷା ଲାଗିରହିଛି। ଘଡ଼ଘଡ଼ି ସହ ମଝିରେ ମଝିରେ ପ୍ରବଳ ବର୍ଷା ମଧ୍ୟ ହେଉଛି। ତେବେ ଲଗାଣ ବର୍ଷା ଯୋଗୁଁ ବ୍ଲକର ଅନେକ ଲୋକଙ୍କ ଘର ମଧ୍ୟ ଭାଙ୍ଗିଥିବା ଜଣାପଡ଼ିଛି। ଶନିବାର ସନ୍ଧ୍ୟାରେ ବରାଡଙ୍ଗା ପଞ୍ଚାୟତ କେନ୍ଦୁଡଙ୍ଗରୀ ଗ୍ରାମର ଘନଶ୍ୟାମ ରାଉତଙ୍କ ଘରର କାନ୍ଥ ଭୁଷୁଡ଼ି ଯାଇଛି। ତେବେ ଘର ଭିତରେ ଥିବା ଘନଶ୍ୟାମଙ୍କ ସ୍ତ୍ରୀ, ଜେଜେମା’ ଓ ତିନି ଛୁଆ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘର ଭୁଷୁଡ଼ି ଯିବାରୁ ସେମାନେ ଅସହାୟ ହୋଇପଡ଼ିଛନ୍ତି। ବର୍ତ୍ତମାନ ଘର ବାହାରେ ରୋଷେଇ କରୁଥିବା ଦେଖିବାକୁ ମିଳିଛି। ସରକାରୀ ସହାୟତା ଯୋଗାଇ ଦେବା ସହ ବର୍ତ୍ତମାନ ବର୍ଷାରୁ ରକ୍ଷା ପାଇବା ପାଇଁ ପଲିଥିନ ଖଣ୍ଡିଏ ଯୋଗାଇ ଦେବାପାଇଁ ପ୍ରଶାସନଙ୍କୁ ପରିବାର ଲୋକେ ଗୁହାରି କରିଛନ୍ତି। ଅନ୍ୟପଟେ ଲଡୁଗାଁ ରାଜସ୍ୱ ନିରୀକ୍ଷକ ଘନଶ୍ୟାମଙ୍କୁ ପଲିଥିନ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସେହିପରି କାଉଡୋଲା ପଞ୍ଚାୟତ ବାଞ୍ଜିବାହାଲ ଗ୍ରାମର ଅଶ୍ୱିନ ନାଏକଙ୍କ ଘରର କାନ୍ଥ ମଧ୍ୟ ଲଗାଣ ବର୍ଷାରେ ଭୁଷୁଡ଼ି ପଡ଼ିଛି। ବର୍ତ୍ତମାନ ପରିବାର ଲୋକ ବହୁ କଷ୍ଟରେ ବସବାସ କରୁଛନ୍ତି। ଏନେଇ ଆମପାଣି ରାଜସ୍ୱ ନିରୀକ୍ଷକ କୃଷ୍ଣଚନ୍ଦ୍ର ଭୋଇଙ୍କୁ ପଚାରିବାରୁ ଖୁବଶୀଘ୍ର ପଲିଥିନ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

**● ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ମହାସଂଘର ବୈଠକ**

# ସାମାଜିକ ଏକତା ଓ ସଂଗଠନ ସୁଦୃଢ଼ ପାଇଁ ଆହ୍ୱାନ

ଭବାନୀପାଟଣା, ୨୧।୭ (ସମିସ): ଦକ୍ଷିଣୀ ଶୌଣ୍ଡିକ ମହାସଂଘ କଳାହାଣ୍ଡି ଓ ଟିଟଲାଗଡ଼ ସବଡିଭିଜନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କେସିଙ୍ଗା ବ୍ଲକ ଚାଞ୍ଚେର ଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଥବିର ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଉପ ସଭାପତି ତୁଳସୀରାମ ସାହୁ, ଅନିରୁଦ୍ଧ ସାହୁ, ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସଂଘର ନୂତନ ଭବନ ନିର୍ମାଣ ଓ ଅନ୍ୟାନ୍ୟ ସମାଜ ସଂପର୍କିତ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା। ସମାଜର ସର୍ବବିଧ ଉନ୍ନତି ପାଇଁ ଗ୍ରାମ୍ୟ କମିଟି ଗୁଡିକକୁ ସୁଦୃଢ଼ କରାଯିବା, ରକ୍ତଦାନ, ବୃକ୍ଷରୋପଣ ଭଳି ସାମାଜିକ କାର୍ଯ୍ୟକ୍ରମ ସହ ସମାଜର ଗରିବ ଅସହାୟଙ୍କ ପାଇଁ ଏକ କର୍ପସ ଫଣ୍ଡ ସୃଷ୍ଟି ଉଦ୍ୟମ କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଦକ୍ଷିଣୀ ଶୌଣ୍ଡିକ ସମାଜ ଭବନ ନିର୍ମାଣ ପାଇଁ ରାଜ୍ୟ ସରକାର ୨୦ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ବେଳେ ତତ୍କାଳୀନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା, ସାଂସଦ ସୁଜିତ କୁମାର, ଭବାନୀପାଟଣାର ପୂର୍ବତନ ବିଧାୟକ ପ୍ରଦୀପ୍ତ କୁମାର ନାଏକ ୫ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦେଇଥିବାରୁ ସମସ୍ତଙ୍କୁ ବୈଠକରେ ଧନ୍ୟବାଦ ଦିଆ ଯାଇଥିଲା।




ଏହି ବୈଠକରେ ସମାଜର ବରିଷ୍ଠ ଉପଦେଷ୍ଟା ବିଦ୍ୟାଧର ପାଇକରାୟ, ଅଭିରାମ ସାହୁ, ଜୁନାଗଡ଼ ଧର୍ମଗଡ଼ ଆଞ୍ଚଳିକ ବ୍ଲକ କମିଟିର ସଭାପତି ବିଦ୍ୟାଧର ସାହୁ, ସଂପାଦକ ମନୋଜ କୁମାର ସାହୁ, ଟିଟଲାଗଡ଼ ବ୍ଲକ ସଭାପତି ପ୍ରଦୀପ କୁମାର ସାହୁ, ସଂପାଦକ ଦିଗାମ୍ବର ବେହେରା, ଭବାନୀପାଟଣା ବ୍ଲକ ସଭାପତି କୁଳମଣି ସାହୁ, ସଂପାଦକ ମକରଧ୍ୱଜ ସାହୁ, କୋକସରା ବ୍ଲକ ସଭାପତି ଅଖିଳ ସାହୁ, ସଂପାଦକ ହେମନ୍ତ ସାହୁ, କଲମପୁର ବ୍ଲକ ସଭାପତି ଗଣେଶ ସାହୁ, ଜୟପାଟଣା ବ୍ଲକ ଉପସଭାପତି ଗୁପ୍ତେଶ୍ୱର ସାହୁ, କେସିଙ୍ଗା ବ୍ଲକ ସଭାପତି ଭବାନୀ ସାହୁ, ସମ୍ପାଦକ କୁଶଚନ୍ଦ୍ର ସାହୁ, ଉପ ସଭାନେତ୍ରୀ ପ୍ରମିଳା ସାହୁ, ସୀତା ଚୌଧୁରୀ, ସହ ସଂପାଦକ ମିତ୍ରସେନ ସାହୁ, ଗୋଲାମୁଣ୍ଡା ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, ସଂପାଦକ ଦୂର୍ବାଦଳ ସାହୁ, ଅଧ୍ୟାପକ ସୁଶାନ୍ତ କୁମାର ସାହୁଙ୍କ ସମେତ ଚାଞ୍ଚେର ଗ୍ରାମର ଉଦ୍ୟମୀ ଯୁବକ ପ୍ରଶାନ୍ତ ସାହୁ, ରମେଶ ସାହୁ, ଭିକରାମ ସାହୁ, ଶ୍ରୀକାନ୍ତ ସାହୁ, ଭକ୍ତବନ୍ଧୁ ସାହୁଙ୍କ ସହଯୋଗରେ ବୈଠକ ସଫଳତାର ସହ ଆୟୋଜିତ ହୋଇଥଲା। କବି ନରୋତ୍ତମ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ କୁଶଧ୍ୱଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରବଖରାରେ ବ୍ୟାପିଛି ଝାଡ଼ାବାନ୍ତି, ବୃଦ୍ଧା ମୃତ

**● ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ**

କୋକସରା, ୨୧।୭ (ସମିସ): କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତର ବାରବଖରାରେ ଗତ କିଛିଦିନ ହେଲା ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡ଼ିଛି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରିବା ସହ ଗାଁରେ ଔଷଧ ବଣ୍ଟନ କରାଯାଉଛି। କିଛି ଆକ୍ରାନ୍ତ ମେଡିକାଲରେ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ତେବେ ଆକ୍ରାନ୍ତମାନେ ଦୂଷିତ ପାଣି ପିଇ ଝାଡ଼ାବାନ୍ତି ହୋଇଥିବା ଖବର ଜାଣିବା ପରେ ରବିବାର କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଏସ୍‌ଇ, ସହକାରୀ ଯନ୍ତ୍ରୀ ଯଶୋବନ୍ତୀ ଭୋଇ, କନିଷ୍ଠ ଯନ୍ତ୍ରୀ ଫଣୀନ୍ଦ୍ର ଆର୍କା, ମେଗା ପାନୀୟ ଜଳ ପ୍ରକଳ୍ପର କଂଟ୍ରାକ୍ଟର, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସିଡିଏମ୍‌ଓ ଏବଂ ଜଳଯୋଗାଣ ବିଭାଗ ସହିତ ଆଲୋଚନା କରିଛନ୍ତି। ବର୍ତ୍ତମାନ ଗାଁରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ପୋତିବା ଆରମ୍ଭ ହୋଇଥିବାବେଳେ ସୋମବାର ସୁଦ୍ଧା ପାଇପ୍ ଯୋଗେ ପାଣି ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରୁଥିବା ଜଣାପଡ଼ିଛି। ଅନ୍ୟପଟେ ଆକ୍ରାନ୍ତ ଥିବା ଜଣେ ବୃଦ୍ଧ ପର୍ଲା ଡାକ୍ତରଖାନାରୁ ଧର୍ମଗଡ଼ ଯାଇଥିବାବେଳେ ସମ୍ପୂର୍ଣ୍ଣ ସୁସ୍ଥ ନ ହୋଇ ସେଠାରୁ ଘରକୁ ଚାଲି ଆସିଥିଲେ। ତେବେ ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ ପୁଣି କୋକସରା ଡାକ୍ତରଖାନା ନେବା ସମୟରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏନେଇ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଶର୍ମିଳା ଛତ୍ରିଆଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରିବା ସହ ଔଷଧ ବଣ୍ଟନ କରାଯାଇଛି। ପ୍ରତିଦିନ ମେଡିକାଲ ଟିମ୍ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ନଦୀର ଦୂଷିତ ପାଣି ପିଇ ଲୋକେ ଝାଡ଼ାବାନ୍ତି ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ଆକ୍ରାନ୍ତମାନେ ମେଡିକାଲରୁ ସୁସ୍ଥ ହୋଇ ଘରକୁ ଫେରିଥିବା କହିଛନ୍ତି।

# ମା’ ଭୁଆସୁଣୀ ପୀଠରେ କାଦୋ ଯାତ୍ରା

କର୍ଲାମୁଣ୍ଡା, ୨୧।୭ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ମା’ ଭୂଆସୁଣୀ ପୀଠରେ କାଦୋ ଯାତ୍ରା ଉଦଯାପିତ ହୋଇଯାଇଛି। ଚାଷୀ ଏହି ଯାତ୍ରା ପରେ ତା’ର ଚାଷ ଜମିରେ ରୁଆ, ବିହୁଡା କାର୍ଯ୍ୟ ଆରମ୍ଭ କରିଥାଏ। ଗ୍ରାମର ଇଷ୍ଟଦେବୀ ମା’ ଭୂଆସୁଣୀ ହୋଇଥିବାରୁ ଶହଶହ ଭକ୍ତ ନଡ଼ିଆ, ଧୂପ, ଦୀପ ନେଇ ମା’ଙ୍କ ପୀଠରେ ପୂଜାର୍ଚ୍ଚନା କରିଥାନ୍ତି। ମାନସିକଧାରୀ କୁକୁଡ଼ା, ପାରା, ବୋଦା ଆଣି ପୀଠରେ ବଳି ପକାଇଥାନ୍ତି। ପୂଜକ ମାର୍କଣ୍ଡ ପଧାନୀ ପୂଜାର୍ଚ୍ଚନା କରିଥିବାବେଳେ ହରି ମଲ୍ଲିକ, ନକୁଳ ମଲ୍ଲିକ, ନନ୍ଦକିଶୋର ରଣା, ପଙ୍କଜ ଭୋଇ ସହଯୋଗ କରିଥିଲେ।



# ରିଷିଡ଼ା ଶିଶୁମନ୍ଦିରରେ ଗୁରୁପୂର୍ଣ୍ଣିମା ପାଳିତ



କର୍ଲାମୁଣ୍ଡା, ୨୧।୭ (ସମିସ): କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରବିବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ନେମିଚନ୍ଦ ଜୈନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସରକାରୀ ହାଇସ୍କୁଲର ସହକାରୀ ଶିକ୍ଷକ ରଞ୍ଜିତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁପୂର୍ଣ୍ଣିମାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଧାନଚାର୍ଯ୍ୟ ମହେନ୍ଦ୍ର ବାରିକ ସ୍ୱାଗତ ଭାଷଣ ରଖିଥିବା ବେଳେ ବାସୁଦେବ ସେଲମା ଅତିଥି ପରିଚୟ ଓ ପରୀକ୍ଷିତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଝୁନୀରାଣୀ ସାହୁ ସଂଯୋଜନା କରିଥିବା ବେଳେ ଉପସଭାପତି ବିଜୟ ପୁରୋହିତ, ସମ୍ପାଦକ ହୃଷିକେଶ ସାହୁ, ସଦସ୍ୟା ଗୀତାଞ୍ଜଳି ରଣା ମଂଚାସୀନ ଥିଲେ। ଏହି ଅବସରରେ ବିଦ୍ୟାମନ୍ଦିର ପରିସରରେ ଚାରାରୋପଣ ମଧ୍ୟ କରାଯାଇଛି।

# ବଢୁଛି ମେଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା

ଥୁଆମୂଳ ରାମପୁର, ୨୧।୭ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ପୁଣି ମ୍ୟାଲେରିଆ ଜ୍ୱରର ପ୍ରକୋପ ଦେଖିବାକୁ ମିଳିଛି। ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜ୍ୱରର ରକ୍ତ ନମୁନା ପରୀକ୍ଷା ଚାଲିଥିବା ବେଳେ ଗତ ୭ ରୁ ୧୪ ତାରିଖର ସପ୍ତାହକ ମଧ୍ୟରେ ୪୦୦ ରକ୍ତ ନମୁନା ନିଆଯାଇଥିଲା ଯେଉଁଥିରେ ୫୨ ଜଣ ରୋଗୀ ମ୍ୟାଲେରିଆ ପଜିଟିଭ ଥିବା ସୂଚନା ହସ୍ତଗତ ହୋଇଛି। ଅନ୍ୟ ପଟରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନ ଅନ୍ୟ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରୁ ୭୧୮ ଜଣ ରୋଗୀ ରକ୍ତ ନମୁନା ପରୀକ୍ଷା ହୋଇଥିବା ବେଳେ ତନ୍ମଧ୍ୟରୁ ୫୪ ଜଣ ରୋଗୀଙ୍କ ମ୍ୟାଲେରିଆ ପୋଜିଟିଭ୍ ରହିଥିବା ସୂଚନା ରହିଛି। ଗତ ୧୫ ଦିନ ମଧ୍ୟରେ ଉପାନ୍ତ ଜଳବନ୍ଦୀ ପୋଡାପଦର ଅଞ୍ଚଳରେ ମ୍ୟାଲେରିଆ ଜ୍ୱରରେ ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଥିବା ଜଣାପଡ଼ିଛି। ହେଲେ ଏହା ମ୍ୟାଲେରିଆ ଜ୍ୱର ନା ଆଉ କେଉଁ କାରଣରୁ ଶିଶୁଙ୍କ ମୃତ୍ୟୁ ହୋଇଛି ଏହା ଉପରେ ରିପୋର୍ଟ ସହ ସ୍ଥିତି ଅନୁଧ୍ୟାନ କଲାପରେ କାରଣ ସ୍ପଷ୍ଟ ହେବ ବୋଲି ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ନିତୀଶ ଝା କହିଛନ୍ତି। ଡାଇରିଆ ହେଉ କି ମ୍ୟାଲେରିଆ ଏଭଳି ବିଭିନ୍ନ ସଂକ୍ରମଣ ତଥା ବିଭିନ୍ନ ରୋଗର ଚର୍ଚ୍ଚାରେ ରହି ଆସୁଥିବା ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳ ପୋଡାପଦର ସମେତ କେରପାଇ, ସିଲେଟ, ନାକୁରୁଣ୍ଡି, ତଳ ଆମ୍ବପଦର, କର୍ଲପାଟ, କିଆପଦର, ତଳନାଗୀ, ପାଡେପଦର ଏବଂ ସିନ୍ଧିପଦର ଗ୍ରାମ ପଞ୍ଚାୟତର ବିଭିନ୍ନ ପ୍ରଭାବିତ ଉପାନ୍ତ ଅଞ୍ଚଳରେ କିଭଳି ସ୍ଥିତି ନିୟନ୍ତ୍ରଣ କରାଯିବ ସେଥିପାଇଁ ବ୍ୟାପକ ପଦକ୍ଷେପ ନିଆଯିବ ଯାହା ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ବୋଲି ଡାକ୍ତର ଝା କହିଛନ୍ତି।

# ରାସ୍ତା ଅବସ୍ଥା ଶୋଚନୀୟ

ହାତୀବନ୍ଧା, ୨୧।୭ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ଗ୍ରାମ ପଞ୍ଚାୟତ ଚଳନା ୧୧ କେ.ଭି ବିଜୁଳି ଷ୍ଟ୍ରକଚର ସମ୍ମୁଖ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷାହେଲେ ରାସ୍ତା କାଦୁଅ ପଚ ପଚ ହେଉଥିବା ବେଳେ ଯାତାୟାତରେ ଅନେକ ସମସ୍ୟା ହେଉଛି। ପ୍ରକାଶ ଯେ ଚଳନା ବାବା ବରଦେଶ୍ୱର ବିଜୁ ପକ୍କାରାସ୍ତା ଠାରୁ ଷ୍ଟ୍ରକଚର ଯିବା ପାଇଁ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇନାହିଁ।



# ଏସ୍‌ବିଆଇ ଏଟିଏମ୍ ଅଚଳ, ଲୋକ ହନ୍ତସନ୍ତ

ଭବାନୀପାଟଣା, ୨୧।୭ (ସମିସ): ସ୍ଥାନୀୟ ଏସବିଆଇ ବ୍ୟାଙ୍କ ଶାଖା ଏଟିଏମ, ବସଷ୍ଟାଣ୍ଡ ଏଟିଏମ ପ୍ରାୟ ଏକ ମାସ ହେଲା ଅକାମି ହୋଇଯିବା ଯୋଗୁଁ ସର୍ବସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବିବେକ ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ଼. ଶିବରାମ ନାୟକ ଏସବିଆଇ ଶାଖା ପରିଚାଳକ ମନିଷ ମିଶ୍ରଙ୍କୁ ସାକ୍ଷାତ କରି ଶୀଘ୍ର ଏଟିଏମ ସଜାଡିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ୟାଙ୍କ ଶାଖା ପରିଚାଳକ ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ଏଟିଏମକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।




**● କେସିଙ୍ଗା ବ୍ଲକରେ ସ୍ୱଳ୍ପ ବୃଷ୍ଟିପାତ**

# ଉତ୍ପାଦନ କମିବା ନେଇ କୃଷି ବିଭାଗର ଆଶଙ୍କା

କେସିଙ୍ଗା, ୨୧।୭ (ସମିସ): ରାଜ୍ୟରେ ଲଘୁଚାପଜନିତ ବର୍ଷା ହେଉଥିବା ବେଳେ କେଉଁଠି କମ୍ ହେଉଛି ତ କେଉଁଠି ପ୍ରବଳ ବର୍ଷା ହେଉଥିବା ସୂଚନା ମିଳୁଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲାକୁ ୨୧ ତାରିଖ ଅରେଞ୍ଜ ଓ ୨୩ ତାରିଖରେ ୟେଲୋ ଜୋନ୍‌ରେ ରଖାଯାଇଛି। ତେଣୁ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଓ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେସିଙ୍ଗା ବ୍ଲକରେ ଚଳିତ ବର୍ଷ ଜୁନ୍ ଓ ଜୁଲାଇ ମାସରେ ଯେତିକି ବର୍ଷା ହେବାର କଥା ତାହାଠାରୁ ଠାରୁ କମ୍ ବର୍ଷା ହୋଇଥିବାରୁ ଚାଷୀ ଚିନ୍ତାରେ ପଡ଼ିଛି। ଜୁନ୍ ମାସରେ ୨୩୭ ମିମି ବର୍ଷା ହେବାକୁ ଥିବାବେଳେ ୧୬୯ ମିମି ବର୍ଷା ହୋଇଛି। ସେହିପରି ଚଳିତ ଜୁଲାଇ ମାସରେ ୪୫୨ ମିମି ବର୍ଷା ହେବାକୁ ଥିବାବେଳେ ଆଜି ସୁଦ୍ଧା ୧୧୮.୯ ମିମି ବର୍ଷା ହୋଇଛି। ଅନ୍ୟପକ୍ଷେ କେସିଙ୍ଗା ବ୍ଲକ କୃଷି ବିଭାଗ ଚଳିତ ବର୍ଷ ଧାନ ଚାଷ ପାଇଁ ୬୬୭୮ ହେକ୍ଟର ଜମି ଲକ୍ଷ୍ୟଧାର୍ଯ୍ୟ ରଖିଥିବା ବେଳେ ୫୬୮୦ ହେକ୍ଟର ଜମିରେ ଧାନଚାଷ ହେବ ବୋଲି ଆଶା ରଖିଛି। ସେହିପରି କପା, ହରଡ଼, ମକା, ମାଣ୍ଡିଆ ଆଦି ଚାଷ ପାଇଁ ୨୯ ହଜାର ୬୯୨ ହେକ୍ଟର ଜମିରେ ହେବାକୁ ଲକ୍ଷ୍ୟ ରଖିଥିବା ବେଳେ ୨୧ ହଜାର ୪୭୪ ଜମିରେ ହେବାର ସମ୍ଭାବନା ରହିଛି। ଏସବୁ ଲକ୍ଷ ପୂରଣ ହେବା ପାଇଁ ମଧ୍ୟ ଭଲ ବର୍ଷା ଉପରେ ନିର୍ଭର କରିବାକୁ ପଡ଼ିବ।

# ଅଗ୍ନିଶମ ବିଭାଗ ପକ୍ଷରୁ ନୂତନ ପୁଲିସ କର୍ମଚାରୀଙ୍କୁ ତାଲିମ

କୋକସରା, ୨୧।୭ (ସମିସ): ଜରୁରୀକାଳୀନ ପରିସ୍ଥିତି ଏବଂ ବିପର୍ଯ୍ୟୟ ମୁକାବିଲା ସମୟରେ ପୁଲିସ ଅଗ୍ନିଶମ ସେବା କର୍ମଚାରୀଙ୍କୁ କି ପ୍ରକାର ସାହାଯ୍ୟ କରିପାରିବ ସେ ନେଇ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ଅଗ୍ନିଶମ ବିଭାଗ ପକ୍ଷରୁ ନୂତନ ପୁଲିସ କର୍ମଚାରୀଙ୍କୁ ୭ ଦିନିଆ ତାଲିମ୍ ପ୍ରଦାନ କରାଯାଉଛି। ଏହି କ୍ରମରେ କୋକସରା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟଠାରେ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ବାଗଙ୍କ ନେତୃତ୍ୱରେ କୋକସରା ପୁଲିସର ୧୫ ଜଣ ନୂତନ କର୍ମଚାରୀ ୭ ଦିନ ଧରି ଏହି ତାଲିମ୍ ନେଉଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେମିତି ମୁକାବିଲା କରିବେ, ନିଆଁ ଲଗିଲେ କେମିତି ଲିଭାଇବେ, ଲୋକଙ୍କୁ କିଭଳି ସୁରକ୍ଷିତ ଉଦ୍ଧାର କରିବେ ଏବଂ ନିଜେ ସୁରକ୍ଷିତ ରହିବେ, ଅଗ୍ନି ଉପକରଣ, ରେସକ୍ୟୁ ଉପକରଣ ଗୁଡିକ ନିଜେ କେମିତି ଚଳେଇ ପାରିବେ ସେ ନେଇ ତାଲିମ୍ ଦିଆଯାଉଛି। ଉଚ୍ଚ ଅଟ୍ଟାଳିକାରୁ କେମିତି ଉଦ୍ଧାର କରିବେ ସେ ନେଇ ରବିବାର ତାଲିମ୍ ପ୍ରଦାନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଅଗ୍ନିଶମ ଅଧିକାରୀଙ୍କ ସମେତ ସହଯୋଗୀ ମନୋଜ କୁମାର ବିଶ୍ୱାଳ, ବାସୁଦେବ ଭୋଇ, ଦିଗମ୍ବର ଶବର ପ୍ରମୁଖ ତାଲିମ୍ ପ୍ରଦାନ କରୁଛନ୍ତି। ପୁଲିସ ବିଭାଗରେ ନୂତନ ଚାକିରି କରୁଥିବା କର୍ମଚାରୀଙ୍କୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଦିଆଯାଉଥିବା ତାଲିମ ସେମାନଙ୍କ ପାଇଁ ବେଶ୍ ଉପାଦେୟ ହେବ।



# ବର୍ଷାଦିନେ ମନେପଡ଼େ ନଈକୂଳିଆଙ୍କ ଦୁଃଖ





କଲମପୁର, ୨୧।୭ (ସମିସ)

ବିଗତ ବର୍ଷ ମାନଙ୍କରେ ଜୁନ ଜୁଲାଇ ମାସରେ କଲମପୁର ଅଞ୍ଚଳରେ ହାତୀ ନଦୀରେ ବନ୍ୟା ଦେଖା ଦେଇଥାଏ। ଚଳିତ ବର୍ଷ ମୌସୁମୀ ବିଳମ୍ବ ଯୋଗୁଁ ଏଯାଏଁ ବର୍ଷା ସେତେଟା ହୋଇନାହିଁ। ଗତ ଶୁକ୍ରବାରଠାରୁ ଲଘୁଚାପ ବର୍ଷା ଆରମ୍ଭ ହୋଇଛି। ଫଳରେ ଅଞ୍ଚଳରେ ଗତ ଶୁକ୍ରବାରଠାରୁ ବର୍ଷା ଅନବରତ ବର୍ଷିବାରେ ଲାଗିଛି। ପୁଣି ଏକ ଲଘୁଚାପ ଆସନ୍ତା ୨୩ତାରିଖ ଦିନ ଅବପାତ ରୂପନେଇ ବର୍ଷିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବର୍ଷା ଆରମ୍ଭ ହେଲେ ନଈକୂଳିଆଙ୍କ କଥା ମନେପଡ଼େ। ବିଗତ ଦିନମାନଙ୍କରେ ଅନେକ ଗାଁ ଜଳବନ୍ଦୀ ହେବାର ନଜିର ରହିଛି। ଖାଦ୍ୟପେୟଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ସୃଷ୍ଟି ହୁଏ। ବର୍ଷା ଦିନେ ସେମାନଙ୍କ ପାଖକୁ ପହଞ୍ଚିବା ତ ଦୂରର କଥା ଯୋଗାଯୋଗ ବି ସମ୍ଭବ ହୁଏ ନାହିଁ। ଦୁଇ ତିନିଦିନ ଧରି ଲୋକେ ଜଳବନ୍ଦୀ ଭିତରେ ରହି ଜୀବନ ବଞ୍ଚାଇ ଥାଆନ୍ତି। ପ୍ରଶାସନ ଓ ସ୍ୱେଚ୍ଛାସେବୀମାନେ ସହାୟତା ଅପେକ୍ଷାରେ ଏପାରିରେ ଅପେକ୍ଷା କରିଥିବା ବେଳେ ସେପାରିରେ ଲୋକେ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଥାଆନ୍ତି। ସେତେବେଳେ କଲମପୁର ଅଞ୍ଚଳକୁ ଦୁଇ ଭାଗରେ ବିଭକ୍ତ କରିଥିଲା ହାତୀ ନଦୀ। ଏସବୁ ସମସ୍ୟାକୁ ହୃଦୟଙ୍ଗମ କରି ତତ୍କାଳୀନ ନବୀନ ସରକାର ପ୍ରଥମେ କର୍ମେଲ ହାତୀ ନଦୀ ଘାଟରେ ଏକ ସୁଉଚ୍ଚ ବିଜୁ ସେତୁ ୨୦୧୧ ମସିହାରେ ନିର୍ମାଣ କରିଥିଲେ। ଏହା ପରେ ଲୋକେ ଆଶ୍ୱସ୍ତି ହୋଇଥିଲେ। ପୁନଶ୍ଚ ସେହି ସରକାର ପାତ୍ରବସା, ଟେମରା ଓ ବିରିପୁର ହାତୀ ନଦୀ ଉପରେ ସେତୁ ନିର୍ମାଣ କରି ଲୋକଙ୍କ ପ୍ରିୟପାତ୍ର ହୋଇଥିବା ବେଳେ ଖଣ୍ଡି ଡଙ୍ଗରିଗୁଡା ହାତୀ ନଦୀ ଘାଟରେ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥି ସହ ବନ୍ୟା ମୁକାବିଲା ପାଇଁ ବିଭିନ୍ନ ସ୍ଥାନରେ ସୁରକ୍ଷା ବାଡ଼ ନିର୍ମାଣ କରିଥିଲେ। ବାଲିଛଡା ଓ ରସଡୁମେର ଠାରେ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ସହିତ ଦେଶୀ ଡଙ୍ଗା ବ୍ୟବସ୍ଥାଠାରୁ ଲୋକେ ଦୂରେଇ ଯାଇଥିଲେ। ଏହି ଅଞ୍ଚଳର ବିରିପୁର, ପରୁଆଗୁଡା, ଟେମରା, କର୍ମେଲ, ଜାମପଡ଼ା ମାଟିଖାଲ, କେଉଟପଡ଼ା, ଜାମପଡ଼ା, ବାଲିଛଡା, ଖଙ୍ଗାରଗୁଡା, ଖଣ୍ଡି ଡଙ୍ଗରିଗୁଡା, ବଙ୍କାପଲା ଆଦି ଗ୍ରାମ ପ୍ରଭାବିତ ହେଉଥିଲା। ସମସ୍ୟା ଦୂରୀଭୂତ ପାଇଁ ତତ୍କାଳୀନ ନବୀନ ସରକାର ନଈକୂଳରେ ଅବସ୍ଥିତ ବାଲିଛଡା ଗ୍ରାମବାସୀଙ୍କୁ ଘୋଡାବନ୍ଧା ଠାରେ ସରକାରୀ ଜମି ଯୋଗାଇ ଦେଇ ସେଠାରେ ଥଇଥାନ କରିଛନ୍ତି। ଏହାଛଡ଼ା ମାଟିଖାଲ, ବିରିପୁର କର୍ମେଲ, ଜାମପଡ଼ା ଗ୍ରାମବାସୀଙ୍କୁ କର୍ମେଲ ଡଙ୍ଗରିଗୁଡା ଠାରେ ସରକାରୀ ଜମି ଯୋଗାଇ ଦେଇଛନ୍ତି। ସରକାର ଜମି ଯୋଗାଇ ଦେବା ସତ୍ତ୍ୱେ ବି ଲୋକେ ନିଜ ଭିଟାମାଟି ଛାଡିଲେ ନାହିଁ। ସେତୁ ନିର୍ମାଣ ଫଳରେ ବନ୍ୟା ପ୍ରକୋପ ସେତେଟା ପ୍ରଭାବିତ କରିପାରୁନାହିଁ ତଥାପି ବିଗତ ଦିନର ଭୟ ମନ ଭିତରେ ଏବେବି ସତେଜ ରହିଛି। ଚଳିତ ବର୍ଷ ବନ୍ୟା ମୁକାବିଲା ନେଇ ବ୍ଲକ ପ୍ରଶାସନ ସଜାଗ ଥିବା ଜଣାପଡ଼ିଛି। ତହସିଲଦାର, ବିଡ଼ିଓଙ୍କ ଦ୍ୱାରା ବନ୍ୟା ମୁକାବିଲା ନେଇ ବିଭିନ୍ନ ବିଭାଗ ସହ ତୁହାକୁ ତୁହା ବୈଠକ ବସି ଆଲୋଚନା ହୋଇଛି। ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି, ତହସିଲଦାର ମୋହନ ଚରଣ ଜେନା କହିଛନ୍ତି ଯେ ପ୍ରଶାସନ ସଜାଗ ରହିବା ସହ ସବୁ ବିଭାଗ ସହ ସମନ୍ୱୟ ରଖାଯାଇଛି। ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସକ୍ଷମ ବୋଲି ଦୁଇ ଅଧିକାରୀ କହିଛନ୍ତି।

### ମହିଳା ମ୍ୟାଟ୍ରନ୍ ନିଯୁକ୍ତିରେ କେଳେଙ୍କାରୀ ଅଭିଯୋଗ

# ଜିଲ୍ଲା ଚୟନ କମିଟିର ଭୂମିକା ଗୌଣ କି ?

**ଭବାନୀପାଟଣା, ୨୧।୭ (ସମିସ)**

ସମସ୍ତ ବ୍ୟବସ୍ଥା ସହ ଅନୁସୂଚିତ ଜାତି ଓ ଜନଜାତିଙ୍କ ଉଦ୍ଦେଶ୍ୟରେ ସରକାର ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରିଛନ୍ତି। ସବୁ ସମୟରେ ସେମାନଙ୍କ ପ୍ରତି ଉଦାର ଦୃଷ୍ଟିଭଙ୍ଗୀ ରହିବା ସ୍ୱାଭାବିକ। ସେହି ଦୁର୍ବଳ ବର୍ଗ ଲୋକଙ୍କ ସ୍ୱାର୍ଥର ବିକାଶ, ଶିକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଧ୍ୟାନ ଦେବାର ବେଳ ଆସିଛି ବୋଲି ଡବଲ ଇଞ୍ଜିନ ସରକାର କହୁଛନ୍ତି। ତେବେ କଳାହାଣ୍ଡି ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏକ ନିଯୁକ୍ତି ମାମଲାରେ ପାତରଅନ୍ତର ଓ ପକ୍ଷପାତ ନୀତିକୁ ନେଇ ଗୁରୁତର ଅଭିଯୋଗ ଅଣାଯାଇଛି। ମହିଳା ମ୍ୟାଟ୍ରନ ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିରେ ଶତାଧିକ ମହିଳା ଆବେଦନ କରିଥିଲେ। ଜିଲ୍ଲାସ୍ତରୀୟ ସିଲେକ୍ସନ କମିଟିର ଅନୁମୋଦନକ୍ରମେ ଗତ ୧୬ ଜୁଲାଇରେ ମହିଳା ମ୍ୟାଟ୍ରନ ପାଇଁ ଯୋଗ୍ୟ ବିବେଚିତ ୪୦ ଜଣ ଆବେଦନକାରୀଙ୍କ ନାମ ଘୋଷଣା ହୋଇଥିଲା। କଥା ଏତିକିରେ ତୁଟିନି ପୂର୍ବରୁ ଅର୍ଥାତ ୬ ଜୁଲାଇରେ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଚୟନ କରାଯାଇ ଏକ ୪୬ ଜଣିଆ ପ୍ରୋଭିଜନାଲ ତାଲିକା ପ୍ରସ୍ତୁତ ହୋଇସାରିଥିଲା। ପରବର୍ତ୍ତୀ ସମୟରେ ଫାଇନାଲ ତାଲିକାରେ କିନ୍ତୁ ୪୦ ଜଣଙ୍କ ନାମ ଉଲ୍ଲେଖ ରହିଛି। କିନ୍ତୁ ଯେଉଁମାନଙ୍କ ନାମ ପ୍ରୋଭିଜନାଲ ତାଲିକାରେ ଥିଲା ସେଥିରୁ ବିଭିନ୍ନ କାରଣରୁ ୬ ଜଣଙ୍କ ନାଁ କଟିଛି। ଏତତବ୍ୟତୀତ ଉକ୍ତ ଫାଇନାଲ ତାଲିକାରୁ ୯/୧୦ ଜଣ ଆବେଦନକାରୀଙ୍କ ବଦଳରେ ଅନ୍ୟ ନୂଆ ନାମ ସ୍ଥାନ ପାଇଛି। ମୂଳରୁ ପ୍ରୋଭିଜନ ତାଲିକାରେ ନ ଥିବା ନାଁ ଗୁଡିକୁ କେଉଁ ଆଧାରରେ ଚୟନ କରାଯାଇଛି ତାହା ସମସ୍ତଙ୍କୁ ବିସ୍ମିତ କରିଛି। ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିଆଯାଇଥିବା ଏଭଳି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିରେ ଶିକାର ହୋଇଛନ୍ତି ନର୍ଲା ବ୍ଲକ ଅନ୍ତର୍ଗତ ସର୍ଗିଗୁଡା ପଞ୍ଚାୟତର ଡୁଲାଗାଁରେ ଥିବା ରାଜଶ୍ରୀ ନାଏକ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଗତ ମେ' ୩୦ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଦେଖି ନିଜର ଶିକ୍ଷାଗତ ଯୋଗ୍ୟତାନୁଯାୟୀ ଆବେଦନ କରିଥିଲେ। ତାଙ୍କୁ ଚୟନ କରି ପ୍ରୋଭିଜନାଲ ତାଲିକାରେ ନାଁ ଉଲ୍ଲେଖ ଥିବା ଜାଣିପାରିଥିଲେ। ସେ ନିଶ୍ଚିତ ହୋଇଥିଲେ ମ୍ୟାଟ୍ରନ ଚାକିରି ପାଇବେ। ପରିତାପର ବିଷୟ ୧୬ ଜୁଲାଇରେ ପ୍ରକାଶ ପାଇଥିବା ତାଲିକାରେ ରାଜଶ୍ରୀ ନାଏକଙ୍କ ନାଁ ନ ଥିବା ସହିତ ୧୫/୧୬ ଜଣଙ୍କ ନାମ ପରିବର୍ତ୍ତନ କରି ନୂଆ ନାମ ଯୋଡ଼ାଯାଇଛି। ଏହା ସମ୍ଭବ ହେଲା କେମିତି ? ଏ ସଂକ୍ରାନ୍ତରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପଚରାଯିବାରୁ ସେ କହିଛନ୍ତି ସ୍ୱାମୀ ପରିତ୍ୟକ୍ତା, ବିଧବା ଏବଂ ଏକାକୀ ରହୁଥିବା ମହିଳାଙ୍କୁ ପ୍ରାଥମିକତା ଦିଆଯାଇଛି। ହଷ୍ଟେଲ ଟେଷ୍ଟରେ ଯେଉଁମାନେ କଟିଯାଇଥିଲେ ସେମାନଙ୍କ ନାମ ବିଚାରକୁ ନିଆଯାଇନାହିଁ। ଶତାଧିକ ମହିଳାଙ୍କ ଆବେଦନକୁ ପ୍ରଥମରୁ ଯାଞ୍ଚ ଓ ଆନୁଷଙ୍ଗିକ ପଚରା ଉଚୁରା ପରେ ଚୟନ ହୋଇଥିଲା। ଚୟନ କମିଟି ତାଲିକାରେ ସେକ୍ସନ ଅଫିସର, ନିଜାରତ ସେକ୍ସନ, ଏଡିଏସ୍‌ଡବ୍ଲ୍ୟୁଓ, ସ୍ପେଶାଲ ଅଫିସର ଆଇଟିଡିଏ, ଆସିଷ୍ଟାଣ୍ଟ କଲେକ୍ଟରଙ୍କ ସମେତ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ଦସ୍ତଖତ ଥାଇ ୪୬ ଜଣଙ୍କ ନାମ କେଉଁ ମାପକାଠିରେ ନିର୍ଣ୍ଣୟ ନିଆଯାଇ ପ୍ରୋଭିଜନାଲ ତାଲିକାରେ ସ୍ଥାନିତ କରାଗଲା। ପରିଶେଷରେ ଚୂଡାନ୍ତ ତାଲିକା ବେଳକୁ ନୂଆ ନାଁ ଯୋଡି ହୋଇଗଲା ତାହା ହିଁ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ନିରାଶ ହୋଇ ପଡ଼ିଥିବା ରାଜଶ୍ରୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆବଶ୍ୟକ ସ୍ଥଳେ ହାଇକୋର୍ଟର ଦ୍ୱାରସ୍ଥ ହେବାକୁ ସେ ବାଧ୍ୟହେବେ ବୋଲି କହିଛନ୍ତି। ମହିଳା ମ୍ୟାଟ୍ରନ ନିଯୁକ୍ତି ପ୍ରକ୍ରିୟାରେ ଗୁରୁତର ବିଭ୍ରାଟ ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି। ସାମୂହିକ ଯୋଜନା ଓ ମନିଟରିଂ ବ୍ୟବସ୍ଥାରେ କାହାସ୍ୱାର୍ଥ ପାଇଁ ଭୁଲ ତ୍ରୁଟି କରାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଇଛି।

**କାହା ମଙ୍ଗଳ ଚିନ୍ତାରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ**

**ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଆବେଦନକାରୀ**

### ଶ୍ୟାମ ମେଟାଲିକ୍ସ ଜଳଭଣ୍ଡାର ଜମି ମାଡିବସିବା ଘଟଣା

# ନୋଟିସ୍ ପରେ ବି ଜମି ଖାଲି ହୋଇନାହିଁ; ତହସିଲଦାରଙ୍କ ତଥ୍ୟ

**ସମ୍ବଲପୁର, ୨୧।୭ (ସମିସ):** ଶ୍ୟାମ ମେଟାଲିକ୍ସ ଓ ଏନର୍ଜି ଲିମିଟେଡ ଜଳଭଣ୍ଡାର ସହିତ ଜଙ୍ଗଲ ଜମି ମାଡି ବସିବା ଘଟଣାରେ ନୋଟିସ ପରେ ବି ଜାଗା ଖାଲି କରି ନ ଥିବା ଜଣାପଡ଼ିଛି। କମ୍ପାନୀ ସମସ୍ତଙ୍କୁ ମ୍ୟାନେଜ କରିବାରେ ସଫଳ ହୋଇଥିବା ଜଣାପଡ଼ିଛି। ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ କମ୍ପାନୀ ମାଗିଥିବା ଏନଭରମେଣ୍ଟ କ୍ଲିୟରେନ୍ସରେ ବି ତଥ୍ୟ ଲୁଚାଇଥିବା ପରି ସାଂଘାତିତ ଅଭିଯୋଗ ଆସିଛି। କେବଳ ଜଳଭଣ୍ଡାର ଜମି ନୁହେଁ ବରଂ ଜଙ୍ଗଲ ଜମି ମଧ୍ୟ କବ୍ଜା କରି ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ଯୋଜନା କରି ନିର୍ମାଣ କାର୍ଯ୍ୟ କରିଥିବା ଜଣାପଡ଼ିଛି। ଯାହା ସମସ୍ତ ବିଭାଗ ତଥା ଅଧିକାରୀଙ୍କୁ ଜାଣତରେ ଚାଲିଥିବା ଅଭିଯୋଗ ହୋଇ ଆସୁଛି।

ସୂଚନା ଅନୁସାରେ ଶ୍ୟାମ ମେଟାଲିକ୍ସ ତାର ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ହୀରାକୁଦ ଜଳଭଣ୍ଡାର ଜମି ମାଡି ବସିବା ଖବର 'ସକାଳ'ରେ ପ୍ରକାଶିତ ହୋଇଥିଲା। ତେବେ ଖବର ପ୍ରକାଶନ ଓ ହୀରାକୁଦ ବନ୍ଧ ଅତିରିକ୍ତ ସ୍ପିଲୱେର ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ପତ୍ର ଅନୁସାରେ ରେଙ୍ଗାଲି ତହସିଲଦାର ସରଜମିନ ତଦନ୍ତ କରିବା ପାଇଁ ଯାଇଥିଲେ। ହେଲେ ତଦନ୍ତ ସମୟରେ ହୀରାକୁଦ ବନ୍ଧ ପକ୍ଷରୁ କେହି ଉପସ୍ଥିତ ନ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ସହ ଏହି ମାଡି ବସିଥିବା ଜମି ବିପକ୍ଷରେ ଶ୍ୟାମ ମେଟାଲିକ୍ସ ୧୭ ଲକ୍ଷ ୮୬ ହଜାର ୮୨୧ଟଙ୍କା ଜରିମାନା ମଧ୍ୟ ଦେଇଛି। ଯାହା ଜମିର ପରିମାଣକୁ ଦେଖିଲେ ସମୁଦ୍ରକୁ ଶଙ୍ଖେ। ତେବେ ରେଙ୍ଗାଲି ତହସିଲଦାର ୨୦୨୪ ଜୁନ ୨୦ରେ ଜମି ଦେଖିବାକୁ ଯିବା ସମୟରେ ମଧ୍ୟ ସମ୍ପୃକ୍ତ ଜମିରୁ ବେଆଇନ ଜବରଦଖଲ ହଟିନଥିଲା। ଜବରଦଖଲ ହଟାଇବା ପାଇଁ ପୂର୍ବରୁ ମାସେ ସମୟ ଦିଆଯାଇଥିବା ବେଳେ ତହସିଲଦାରଙ୍କ ଗସ୍ତ ପରେ ପୁଣି ୧୫ ଦିନ ସମୟ ଦିଆଯାଇଥିଲା। ଯାହା ସମୟ ବିତି ସାରି ପୁଣି ୧୫ ଦିନ ଗଲାଣି ତଥା ଜବରଦଖଲ ଖାଲି ହେଲା ନାହିଁ। ତେବେ ଜବରଦଖଲ ନେଇ ତଦନ୍ତ କରିବାକୁ ଯିବା ସମୟରେ ତହସିଲଦାର ନିଶାନଭଙ୍ଗା ମୌଜାରେ ୨୬.୩୩ ଏକର ଜଳଭଣ୍ଡାର ଜମି ଜବରଦଖଲ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ହେଲେ ପ୍ରକୃତରେ ଆହୁରି ୨୧ ଏକର ଜଙ୍ଗଲ ଜମି ମଧ୍ୟ ଜବରଦଖଲ ହୋଇଥିବା ଜଣାପଡ଼ିଛି। ତେବେ ସମୁଦାୟ ୬୦ ଏକର ଜମି ଜବରଦଖଲ କରି ଶ୍ୟାମ ମେଟାଲିକ୍ସ ଚୁପ ବସିଥିବାବେଳେ ମହଲତ ପରେ ମହଲତ ଦିଆଯାଇଛି। ତେବେ କେଉଁ ସ୍ୱାର୍ଥରେ ଜଳଭଣ୍ଡାର ତଥା ଜଙ୍ଗଲ ଜମିକୁ ଶ୍ୟାମ ମେଟାଲିକ୍ସକୁ ଟେକି ଦିଆଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହାକୁ ନେଇ ମୁହଁ ଖୋଲିଛନ୍ତି ଝାରସୁଗୁଡା ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓ। ସେ କହିଛନ୍ତି ଯେ ଜଳସମ୍ପଦ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବାରୁ ଯଦି ଜବରଦଖଲ ଉଚ୍ଛେଦ ସହ ପ୍ଲାଣ୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନ ହୁଏ ତେବେ ସେ ମୁଖ୍ୟମନ୍ତ୍ରୀଙ୍କ ଘର ସମ୍ମୁଖରେ ଧାରଣା ଦେବେ। ଏହା ସହ ମିଛ ଏନଭରମେଣ୍ଟ କ୍ଲିୟରେନ୍ସ ହାତେଇଥିବା ଘଟଣା ଉପରେ ଯଦି ଖୋଳତାଡ ନହୁଏ ତେବେ ଆଗକୁ ନ୍ୟାୟିକ ଲଢେଇ ହେବ ବୋଲି ଶ୍ରୀ ରାଓ କହିଛନ୍ତି।

**କମ୍ପାନୀ ସମସ୍ତଙ୍କୁ ମ୍ୟାନେଜ କରିବାରେ ଓସ୍ତାଦ୍**

## ଲାଠୋର ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ନେଇ ସିଡିଏମ୍‌ଓଙ୍କୁ ଦାବିପତ୍ର

**ଖପ୍ରାଖୋଲ, ୨୧।୭ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ଖପ୍ରାଖୋଲ ମେଡିକାଲ ଅଫିସର ଇନଚାର୍ଜଙ୍କ ଜରିଆରେ ବଲାଙ୍ଗିର ସିଡିଏମଓଙ୍କୁ ଶନିବାର ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ, କାଶୀନାଥ ମେହେର, ଭୋଜରାଜ ମେହେର, କିଶୋର ଶର୍ମା, ଦିଲ୍ଲୀପ ନାଏକ, ପ୍ରମୋଦ ଅଗ୍ରୱାଲ, ଅନ୍ତର୍ଯ୍ୟାମୀ ସେଠ ଏବଂ ଅନ୍ୟମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଲାଠୋର ଗ୍ରାମରେ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ଉଚିତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଔଷଧ ବିତରଣ ଏବଂ ରକ୍ତ ପରୀକ୍ଷା ଠିକ ଭାବରେ ହେଉ ନାହିଁ। ଏଠାରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନଙ୍କୁ ଅନ୍ୟତ୍ର ବଦଳି କରି ନୂତନ କର୍ମଚାରୀ ନିଯୁକ୍ତି ଦିଆଯାଉ ବୋଲି ଦାବି କରିଛନ୍ତି। ଏନେଇ ଖପ୍ରାଖୋଲ ମେଡିକାଲ ଅଫିସର ଇନଚାର୍ଜ ଡା.ସୁରଜ କୁମାର ଦୀପଙ୍କୁ ପଚାରିବାରେ ଲାଠୋର କର୍ମଚାରୀମାନଙ୍କୁ ଦୁଇଥର କାରଣ ଦର୍ଶାଅ ନୋଟିସ କରାଗଲା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରି ନାହିଁ। ଏନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଗ୍ରାମବାସୀ ପ୍ରଦାନ କରିଥିବା ଦାବିପତ୍ର ସିଡିଏମଓଙ୍କୁ ପଠେଇବି ବୋଲି କହିଛନ୍ତି।

## ଆଣ୍ଠୁଏ ପାଣିରେ ଯାଉଛନ୍ତି ନିଆଳପଡ଼ା ଲୋକେ



**ସିନାପାଲି, ୨୧।୭ (ସମିସ):** ସିନାପାଲି ବ୍ଲକ ଅନ୍ତର୍ଗତ ଖର୍ସେଲ ଗ୍ରାମର ନିଆଳପଡ଼ା ଲୋକେ ଆଣ୍ଠୁଏ ପାଣିରେ ଯାତାୟତ କରୁଛନ୍ତି। ଆଜକୁ ଦୁଇବର୍ଷ ହେଲା ଉକ୍ତ ପଡ଼ାର ଲୋକେ ବର୍ଷା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଡ଼ାର ଅଳିଆ ଆବର୍ଜନା ପାଣି ନିଷ୍କାସନ ରାସ୍ତା ବନ୍ଦ ହୋଇଯିବାରୁ ଏଭଳି ଅବସ୍ଥା ଦେଖାଦେଇଛି। ଏହି ସ୍ଥାନରେ ପ୍ରଶାସନ ପକ୍ଷରୁ ଡ୍ରେନ ନିର୍ମାଣ ହେବା ଫଳରେ ଏହି ଦୁରାବସ୍ଥା ହୋଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ସ୍ଥାନୀୟ ଶିଶୁ, ପିଲାମାନେ ଏହି ଅଳିଆ ଆବର୍ଜନା ପାଣିରେ ଖେଳି ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଖର୍ସେଲ ପଞ୍ଚାୟତ ସରପଞ୍ଚ ବିରେନ୍ଦ୍ର ଖମାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆସନ୍ତା ସପ୍ତାହ ମଧ୍ୟରେ କାମ ଆରମ୍ଭ ହୋଇଯିବ। ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ରାସ୍ତାକୁ କଂକ୍ରିଟ କରିବା ସହ ଡ୍ରେନ ନିର୍ମାଣ କରିବାକୁ ସ୍ଥାନୀୟ ପଡ଼ାର ଡୁଲା ନିଆଲ, ଉଆସୁ ନିଆଲ, ରାମ ନିଆଲ, ଅରକ୍ଷିତ ନିଆଲ, ଗଗନ ସାହୁ, ବାସୁ ନିଆଲ, ପବିତ୍ର ମାଝୀ, କ୍ଷୀରମତି ନିଆଲ, ଅଶୋକ ନିଆଲ, ଫୁଲମତି ନିଆଲ, ହରୁଣା ନିଆଲ, ମଥୁରା ନିଆଲ, ସୁନିତା ନିଆଲ, ଝରଣା ନିଆଲ, ଟୁନା ନିଆଲ, ବୀଣା ନିଆଲ, ବିକ୍ରମ ମାଝୀ ପ୍ରମୁଖ ଦାବି କରିଛନ୍ତି।

### ଯୁବ ବୈଜ୍ଞାନିକଙ୍କ ସଫଳତାର ଯାତ୍ରା

# ଜର୍ମାନରେ ଗବେଷଣା କରିବେ ବିଏମ୍‌ପୁରର ଶିଭାଜିତ

**ସୋନପୁର, ୨୧।୭ (ସମିସ):** ଇଚ୍ଛାଶକ୍ତି ଥିଲେ ସଫଳତା ଆପେ ଆପେ ଆସେ। ଏହାର ବଡ଼ ଉଦାହରଣ ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରର ଶିଭାଜିତ ଚାନ୍ଦ। ନିଜର ଉଦ୍ୟମ ବଳରେ ଶିଭାଜିତ ଉଚ୍ଚତର ଗେବଷଣା ପାଇଁ ଜର୍ମାନୀ ଯାତ୍ରା କରିଛନ୍ତି। ଶିଭାଜିତ ଏଆଇ କ୍ଷେତ୍ରରେ ଉଚ୍ଚତର ଗବେଷଣା ପାଇଁ ଜର୍ମାନ ଯାଇଥିବା ଜଣାପଡ଼ିଛି। ଶିଭାଜିତଙ୍କ ବାପା ଜଣେ ଓକିଲ ହୋଇଥିବାବେଳେ ମା ପ୍ରାଥମିକ ଶିକ୍ଷୟିତ୍ରୀ। ପିଲାଟି ଦିନରୁ ପ୍ରତିକୂଳ ପରିସ୍ଥିତିରେ ବି କିଛି କରି ଦେଖାଇବାକୁ ଶିଭାଜିତ ପ୍ରୟାସ ଆରମ୍ଭ କରିଥିଲେ। ସ୍ୱିଡେନରେ ସଫଳତାର ସହ ଡିଗ୍ରୀ ହାସଲ କରି ସେ ଏବେ ସୁଦୂର ଜର୍ମାନୀରେ ଗବେଷଣା କ୍ଷେତ୍ରରେ ପାଦ ଥାପିଛନ୍ତି। ତାହାପୁଣି ସାମ୍ପ୍ରତିକ ସମୟର ଚର୍ଚ୍ଚିତ ବିଷୟ 'ଏଆଇ' ଉପରେ। ଶିଭାଜିତ ବୀରମହାରାଜପୁରରେ ନିଜର ହାଇସ୍କୁଲ ପାଠ୍ୟକ୍ରମ ସମାପନ କଲାପରେ ଅନ୍ୟସହରକୁ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ। ପରବର୍ତ୍ତୀ ସମୟରେ ଟେକ୍ନୋଲଜିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ୱିଡେନର ଚାଲମର ୟୁନିଭର୍ସିଟି ଅଫ ଟେକ୍ନୋଲଜିରୁ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଏବେ ଏଆଇ କ୍ଷେତ୍ରରେ ଗବେଷଣା ପାଇଁ ସେ ଜଣେ ଜୁନିଅର ବୈଜ୍ଞାନିକ ଭାବରେ ଜର୍ମାନୀରେ ଯୋଗଦେବେ। ଯାହାକୁ ନେଇ ପୁରା ପରିବାର ବେଶ ଖୁସି ଓ ଗର୍ବ ଅନୁଭବ କରିବା ସହିତ ପୁଅ ପରିଶ୍ରମ ଫଳରେ ଆଜି ଏହି ସ୍ଥାନକୁ ପହଞ୍ଚିଛି ବୋଲି ବାପା, ମା' କହିଛନ୍ତି। ସଫଳତା ପାଇବାକୁହେଲେ ଦୃଢ଼ ଇଚ୍ଛାଶକ୍ତି ସହ ପରିଶ୍ରମ କରିବାକୁ ପଡ଼ିଥାଏ ବୋଲି ଶିଭାଜିତ କହିଛନ୍ତି। ପ୍ରକୃତରେ ଶିଭାଜିତଙ୍କ ସଫଳତାର କାହାଣୀ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।



**ଏଆଇ ଉପରେ କରିବେ ଗବେଷଣା**

### ଶିକ୍ଷକଙ୍କ ବିୟୋଗରେ ଶୋକ

# ଆର୍ଥିକ ସହାୟତା ନ ମିଳିଲେ ଆନ୍ଦୋଳନ ଚେତାବନୀ

**ନୂଆପଡ଼ା, ୨୧।୭ (ସମିସ):** କୋମନା ବ୍ଲକ ଅନ୍ତର୍ଗତ ଦଳଦଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ୍ସ କ୍ୟାଡ଼ର ଶିକ୍ଷକ ମନୋଜ ଗହୀରଙ୍କର ଦେହାନ୍ତ ହୋଇଛି। ସେ ଦୀର୍ଘଦିନରୁ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଖବର ପାଇ ଜିଲ୍ଲା ପ୍ରାଥମିକ ଶିକ୍ଷକ ଏକ୍ସ କ୍ୟାଡ଼ର ସଙ୍ଘ ସଭାପତି ଅଲେଖ ସାହୁ, ସମ୍ପାଦକ ଭୋଜରାମ ଅହୀର, କାର୍ଯ୍ୟକାରୀ ସଭାପତି ପ୍ରକାଶ ଦଣ୍ଡସେନା, ଉପସଭାପତି ବେଣୁଧର ନାୟକ କୋମନା ବ୍ଲକ ସଭାପତି ଗୌରାଙ୍ଗ ସାହୁ, ସମ୍ପାଦକ ଗେନ୍ଦ୍ରକ୍ଷମ ନାୟକ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ପରିବାର ବର୍ଗକୁ ସାନ୍ତ୍ୱନା ଦେଇଛନ୍ତି। କୋମନା ବିଇଓଙ୍କୁ ଆର୍ଥିକ ସହାୟତା ଶୀଘ୍ର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ସୂଚନା ଥାଉକି କୋମନା ବ୍ଲକରେ କର୍ମଚାରୀଙ୍କ ଅବହେଳା କାରଣରୁ ୨ ଜଣ ଅବସରପ୍ରାପ୍ତ ଏକ୍ସ କ୍ୟାଡ଼ର ଶିକ୍ଷକଙ୍କୁ ପେନସନ, ଗ୍ରାଚୁଟି ମିଳି ନ ଥିବାବେଳେ ୫ ଜଣ ମୃତ ଶିକ୍ଷକ ପରିବାରକୁ ଗ୍ରାଚୁଟି, ଫାମିଲି ପେନସନ ମିଳିପାରିନାହିଁ। ବର୍ତ୍ତମାନ କାର୍ଯ୍ୟରତ ୧୬୮ ଜଣ ଏକ୍ସ କ୍ୟାଡ଼ର ଶିକ୍ଷକଙ୍କ ଏନ.ପିଏସସିଆର ମଧ୍ୟ ଶିକ୍ଷକମାନଙ୍କ ଆକାଉଣ୍ଟରେ ଜମା ନ କରି ବେନିୟମ ଭାବରେ ବିଇଓଙ୍କ ଆକାଉଣ୍ଟରେ ଜମା କରାଯାଉଛି। ଏଭଳି ଚରମ ଅବହେଳାକୁ ସଂଘ ନିନ୍ଦା କରିବା ସହିତ ଶୀଘ୍ର ସମସ୍ୟାର ସମାଧାନ ନ କଲେ ବିଇଓ ଅଫିସ ଘେରାଉ କରିବାକୁ ବାଧ୍ୟହେବ ବୋଲି ଚେତାବନୀ ଦେଇଛନ୍ତି।

## ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ, ମାସେ ନ ପୂରୁଣୁ ଉଠିଲା ପିଚୁ



**ଶଗଡ଼ା, ୨୧।୭ (ସମିସ):** ବୌଦ୍ଧ ଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ନଂ ୫୭ର ମସିଣାପଡ଼ା ମେହେରୁଣି ପୋଲର ଉଭୟ ପାର୍ଶ୍ୱର ରାସ୍ତା ଅନେକ ଖାଲଖମାରେ ଭର୍ତି ହୋଇଥିବା ଦେଖିବାକୁ ମିଳିଛି। ଉକ୍ତ ରାଜପଥ ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଗାଡ଼ି ମୋଟର ସହ ଲୋକେ ଯାତାୟାତ କରିଥାନ୍ତି। ମେହେରୁଣି ପୋଲର ଉଭୟ ପାର୍ଶ୍ୱ ରାସ୍ତା ଦବିଯାଇ ପିଚୁ ଉଠି ଯିବା ସହ ଅନେକ ଛୋଟବଡ଼ ଖାଲ ସୃଷ୍ଟି ହୋଇଛି। ଯାହାଫଳରେ ଦୈନିନ୍ଦିନ ଅନେକ ଛୋଟବଡ଼ ଦୁର୍ଘଟଣା ଘଟି ଅନେକ ଧନଜୀବନ ହାନି ହେଉଥିବା ନଜିର ରହିଛି। ଏହି ରାସ୍ତା ଦେଇ ଅନେକ ପ୍ରଶାସନିକ ଅଧିକାରୀଙ୍କ ସହ ଅନେକ ଜନ ପ୍ରତିନିଧି ଯିବା ଆସିବା କରିଥାନ୍ତି। ଗତ ମାସ ଏହି ରାସ୍ତା ନିର୍ମାଣ ହୋଇଥିଲା, ହେଲେ ନିମ୍ନମାନର କାମ ଯୋଗୁଁ ମାସେ ନ ପୂରୁଣୁ ଉକ୍ତ ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠି ଖାଲ ହୋଇ ଗଲାଣି। ବାରମ୍ବାର ଏହି ରାସ୍ତା ନିର୍ମାଣ ହେଉଥିଲେ ସୁଦ୍ଧା ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୁର୍ଘଟଣା ରୋକିବା ସହ ମୃତ୍ୟୁହାର ନିୟନ୍ତ୍ରଣ କରିବା ପାଇଁ ସରକାର ଅନେକ ପ୍ରୟାସ ଜାରି ରଖିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଏଭଳି ଖାମଖିଆଲି ମନୋଭାବ ଯୋଗୁଁ ଦୁର୍ଘଟଣାକୁ ଆମନ୍ତ୍ରଣ କରିଥିବା ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଉକ୍ତ ରାସ୍ତାକୁ ମରାମତି କରିବାକୁ ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

## ଶାଗୁଆନ କାଠ ଗଣ୍ଡି ଜବତ

**ବୌଦ୍ଧ, ୨୧।୭ (ସମିସ):** ବୌଦ୍ଧ ରେଞ୍ଜ ଅଧୀନ ଖଜୁରିପଡ଼ା ସେକ୍‌ସନ୍ ବ୍ରାହ୍ମଣୀପାଲି ବିଟ୍ ଅଧୀନ ମୁଣ୍ଡାପଡ଼ା ପଞ୍ଚାୟତର କେଉଟି ସାହି ଗ୍ରାମ ନିକଟରୁ ୩୦ ଟି ଶାଗୁଆନ କାଠ ଗଣ୍ଡି ଜବତ କରିଛି ବନ ବିଭାଗ। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଞ୍ଜ ଅଧିକାରୀ ଅର୍ଚ୍ଚନା ଗମାଙ୍ଗୋଙ୍କ ନେତୃତ୍ୱରେ ବନବିଭାଗ କର୍ମଚାରୀ ମାନେ ଚଢ଼ଉ କରି ଗ୍ରାମ ନିକଟରେ ରଖା ଯାଇଥିବା ୩୦ ଟି ଶାଗୁଆନ କାଠ ଗଣ୍ଡିକୁ ଜବତ୍ କରି ବଘିଆପଡ଼ା ଫରେଷ୍ଟ ସେକସନ କାର୍ଯ୍ୟାଳୟରେ ରଖିଥିବା ସୂଚନା ମିଳିଛି। କାଠ ଗଣ୍ଡିର ଦାବିଦାର କେହି ନ ଥିବା ସୂଚନା ମିଳିଛି। ଚଢ଼ଉରେ ସଦର ବନପାଳ ଲିଙ୍ଗରାଜ ମାଝୀ, ଖଜୁରୀପଡ଼ା ବନପାଳ ସୁଶୀଲ ହୋତା, ବନରକ୍ଷୀ ପ୍ରଦୀପ କୁମାର ସାହୁ, ରମାକାନ୍ତ ପାଣିଗ୍ରାହୀ, ପ୍ରଶାନ୍ତ ସେଠୀ, ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ସାମିଲ ଥିଲେ।



# ଅସରାଏ ବର୍ଷାରେ ପଡ଼ାବାସୀଙ୍କ ଘରେ ପଶୁଛି ଡ୍ରେନ୍ ପାଣି





**ଜୟପାଟଣା, ୨୧।୭ (ସମିସ):** ଜୟପାଟଣା ସହରର ପ୍ରାୟ ପ୍ରତ୍ୟେକ ପଡ଼ାରେ ସାମାନ୍ୟ ବର୍ଷା ହେଲେ ନାଳ ଓ ନର୍ଦ୍ଦମାର ପାଣି ଘରେ ଘରେ ପଶୁଛି। ପଞ୍ଚାୟତ ଓ ବ୍ଲକ ପକ୍ଷରୁ ପରିମଳ ବ୍ୟବସ୍ଥା ପାଇଁ ଡ୍ରେନ ନିର୍ମାଣ ହେଉଛି ସତ କିନ୍ତୁ, ପାଣି ନିଷ୍କାସନ ଦିଗରେ କୋଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହାଫଳରେ ଅଳ୍ପ ବର୍ଷା ହେଲେ ଲୋକେ ହନ୍ତସନ୍ତ ହେବା ସହିତ ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗ ବ୍ୟାପିବାରେ ସମ୍ଭାବନା ସୃଷ୍ଟି ହେଉଛି। ଡ୍ରେନଗୁଡ଼ିକ ମାଟି ଓ କାଦୁଅରେ ପୋତି ହୋଇଥିବାବେଳେ ଅସରାଏ ବର୍ଷାରେ ନଳାରୁ ଦୂଷିତ ପାଣି ଉଚ୍ଛୁଳି ପଡ଼ାବାସୀଙ୍କ ଘରେ ପଶୁଛି। ସହରର ୮ ନମ୍ବର ୱାର୍ଡରେ ତ୍ରୁଟିପୂର୍ଣ୍ଣ ଡ୍ରେନ୍ ନିର୍ମାଣ ଏବଂ ବର୍ଷା ପୂର୍ବରୁ ଡ୍ରେନ୍ ସଫା କରା ନ ଯିବା ଯୋଗୁଁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଯାହାଫଳରେ ଅସରାଏ ବର୍ଷାରେ ନାଳନର୍ଦ୍ଦମା ପାଣି ଘରେ ପଶୁଥିବା ଦେଖିବାକୁ ମିଳିଛି। ଖାଲି ଯେ ଏହି ଗୋଟେ ୱାର୍ଡ ନୁହେଁ ସହରର ଅଧିକାଂଶ ୱାର୍ଡର ସ୍ଥିତି ମଧ୍ୟ ସମାନ ରହିଛି। ପାଣି ପଶିଯିବା ଯୋଗୁଁ ଲୋକଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଜନଜୀବନ ପ୍ରଭାବିତ ହେଉଛି। ସ୍ଥାନୀୟ ଜନ ପ୍ରତିନିଧିମାନଙ୍କ ଅବହେଳା ପାଇଁ ଏଭଳି ସମସ୍ୟା ଦେଖାଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଖାଲି ଆଜି ନୁହେଁ, ପ୍ରତିବର୍ଷ ବର୍ଷାଦିନେ ଏଭଳି ଦୟନୀୟ ସ୍ଥିତି ସାମ୍ନା କରୁଛନ୍ତି ଲୋକେ। ଏନେଇ ପଡ଼ାବାସୀ ବାରମ୍ବାର ସରପଞ୍ଚଙ୍କୁ ଲିଖିତ ଅବଗତ କରାଇବା ସତ୍ତ୍ୱେ ମଧ୍ୟ କାହିଁକି ଏଭଳି ଅବ୍ୟବସ୍ଥା କୁ ଦୃଷ୍ଟି ଦିଆଯାଉନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଛାତ୍ରଙ୍କୁ ଶିକ୍ଷକଙ୍କ ମାଡ଼ ଅଭିଯୋଗ

# ଫୁଟ୍‌ବଲ ଫଟାଇଲା ବୋଲି ଦଣ୍ଡଦେଲେ ଶିକ୍ଷକ

**ସିନାପାଲି, ୨୧।୭ (ସମିସ)**

ସିନାପାଲି ବ୍ଲକ ଅଧିନସ୍ଥ ଗଣ୍ଡାବାହାଲି ପଞ୍ଚାୟତ ଗମ୍ଭାରୀଗୁଡ଼ା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଜଣେ ଛାତ୍ରଙ୍କୁ ଶିକ୍ଷକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀମାନେ ଖେଳୁଥିବାବେଳେ ଫୁଟ୍‌ବଲ ଫାଟିଯିବାରୁ ଶିକ୍ଷକ ବାଡ଼ିରେ ଛାତ୍ରକୁ ମାଡ଼ ମାରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସ୍ଥାନୀୟ ଶିକ୍ଷକମାନଙ୍କ ଦ୍ୱାରା ପୀଡ଼ିତ ଛାତ୍ରର ଅଭିଭାବକଙ୍କୁ ବିଭିନ୍ନ ଆଳରେ ଚାପ ପ୍ରୟୋଗ କରି ବିଦ୍ୟାଳୟ ସ୍ତରରେ ଆପୋଷ ବୁଝାମଣା କରି ସମାଧାନ କରାଯାଇଥିବା ଜଣାପଡ଼ିଛି। ଏନେଇ ସ୍ଥାନୀୟ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଘଟଣାକୁ ସ୍ଥାନୀୟ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ସୂଚନାରୁ ପ୍ରକାଶ ଯେ ଶୁକ୍ରବାର ମଧ୍ୟାହ୍ନ





ଭୋଜନ ପରେ ଛାତ୍ରଛାତ୍ରୀମାନେ ଫୁଟ୍‌ବଲ ଖେଳୁଥିଲେ। କୌଣସି କାରଣରୁ ଫୁଟ୍‌ବଲ ଫାଟି ଯାଇଥିଲା। ଏହି ସମୟରେ ସହକାରୀ ଶିକ୍ଷକ ସଞ୍ଜୀବ ମଲ୍ଲିକ ଛାତ୍ର ହରିଷ ବାଗଙ୍କୁ ଫୁଟ୍‌ବଲ କାହିଁକି ଫଟାଇଲୁ କହି ବାଡ଼ିରେ ମାଡ଼ ମାରିଥିବା ଛାତ୍ର ଜଣକ ପ୍ରକାଶ କରିଛି। ଶିକ୍ଷକଙ୍କ ମାଡ଼ରେ ଉଭୟ ଜଙ୍ଘରେ ନାଲି ଦାଗ ଦେଖି ମାଆ, ବାପା ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। କୁଆଡ଼େ ସମ୍ପୃକ୍ତ ଶିକ୍ଷକ ମାଡ଼ମାରି ଛାତ୍ରକୁ ପାଣି ପିଆଇଥିବା ସେମାନେ ପ୍ରକାଶ କରିଛନ୍ତି। ପରେ ଛାତ୍ର ଜଣଙ୍କ ଘରକୁ ଯାଇ ମାଆ ବାପାଙ୍କୁ କହିବାରୁ ସେମାନେ ବିଦ୍ୟାଳୟକୁ ଆସି ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଶିକ୍ଷକ ମଧ୍ୟ ମାଡ଼ ମାରି ପାଣି ପିଆଇ ଥିବା ଘଟଣାକୁ ସ୍ୱୀକାର କରିଛନ୍ତି। ଏହି ଘଟଣାକୁ ନେଇ ଥାନାରେ କେସ୍ କରିବୁ ବୋଲି ପରିବାର ପକ୍ଷରୁ କହିବାରୁ ସ୍ଥାନୀୟ ଶିକ୍ଷକ ତଥା ପ୍ରଧାନଶିକ୍ଷକଙ୍କ ଉଦ୍ୟମରେ ଉକ୍ତ ଘଟଣାକୁ ଆଗକୁ ନ ବଢ଼ାଇବା ପାଇଁ ତାର ବାପା ରୋହିତ ବାଗକୁ ବିଭିନ୍ନ ମହଲରୁ ଚାପ ପ୍ରୟୋଗ କରି ବୁଝାସୁଝା କରିଥିଲେ। ପରେ ବାଧ୍ୟବାଧକତାରେ ଆପୋଷ ବୁଝାମଣାରେ ସମସ୍ୟାର ସମାଧାନ କରାଯାଇଥିବା ଜଣାପଡ଼ିଛି। ଏନେଇ ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଜତୀନ୍ଦ୍ର ସେଠଙ୍କୁ ଯୋଗାଯୋଗ କରିବାରୁ ଘଟଣାଟି ସତ୍ୟ ବୋଲି କହିଛନ୍ତି। ସହ ଶିକ୍ଷା ଅଧିକାରୀ ପ୍ରଦୀପ ପଣ୍ଡା ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ କରି ଆପୋଷ ବୁଝାମଣା କରି ସମାଧାନ କରାଯାଇଛି। ସମ୍ପୃକ୍ତ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

**ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

# ତାଲାକାଟି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍





**ରାଜକନିକା,୨୧।୭ (ସମିସ):** ରାଜକନିକା ଥାନା ଅର୍ନ୍ତଗତ ନହୁଣୀ ପଞ୍ଚାୟତ ଉପାନ୍ତ ଗାଁ ଗୋପାଳପୁରରେ ଗତକାଲି ରାତିରେ ଏକ ବଡ଼ ଧରଣର ଚୋରି ହୋଇଛି। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ରାଜେଶ ବିଶ୍ୱାଳଙ୍କ ଘର ତାଲା କାଟି ଲକ୍ଷାଧିକ ଟଙ୍କାର ଗହଣାଗାଣ୍ଠି ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଆଜି ସକାଳେ ରାଜେଶ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଦୁଇଦିନ ତଳେ ସପରିବାରେ ସେମାନେ ମେଡିକାଲ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘରେ କଳାକନା ବୁଲାଇଛନ୍ତି। ତାଙ୍କ ଘର ଗାଁଠୁ ଟିକିଏ ଦୂରରେ ଥିବାରୁ ଶନିବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି।

## ଥାନାରେ ଏତଲା; ପୁଲିସ୍‌ର ଛାନଭିନ୍

ରବିବାର ସକାଳେ କିଛି ଲୋକ ତାଙ୍କ ଘରକୁ ଫୁଲତୋଳି ଯିବାବେଳେ ଘରର ଭଙ୍ଗା ଗ୍ରୀଲ୍ ଭଙ୍ଗା ଯାଇଥିବା ଦେଖି ରାଜେଶଙ୍କୁ ଫୋନ୍ କରିଥିଲେ। ତେବେ ରାଜେଶ ତୁରନ୍ତ ପହଞ୍ଚି ପ୍ରଥମେ ଘରର ଗ୍ରୀଲ, ମୁଖ୍ୟ ଫାଟକ ତାଲା ଆଉ ସିଡି ଘର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଘର ମଧ୍ୟରେ ଥିବା ବାକ୍ସ ତାଲା କାଟି ସେଥିରେ ଥିବା ମଙ୍ଗଳସୂତ୍ର, ମୁଦି ଆଉ କାନଫୁଲ ଆଦି ଦୁର୍ବୃତ୍ତ ଲୁଟି ନେଇଥିବାବେଳେ କାଗଜପତ୍ରକୁ ବିକ୍ଷିପ୍ତ ଭାବେ ପକାଇ ଦେଇଥିବାର ଦେଖିଥିଲେ। ଏତଲା ପରେ ରାଜକନିକା ପୁଲିସ ଗାଁରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛି। ତେବେ ରାଜକନିକା ଅଞ୍ଚଳରେ ଏଭଳି ବାରମ୍ବାର ଘଟୁଥିବାରୁ ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି।

■ ମାତିଛନ୍ତି ରାଜପଥ ଲୁଟେରା

# ଖଣ୍ଡାରେ ହାଣି ଛଡ଼ାଇ ନେଲେ ବାଇକ୍

**ପାରାଦୀପ,୨୧।୭ (ସମିସ):** ରାଜପଥ ଲୁଟେରାଙ୍କ ଉତ୍ପାତ ଶିଳ୍ପ ସହର ପାରାଦୀପ ସମେତ ଆଖପାଖ ଅଞ୍ଚଳରେ ବଢି ଚାଲିଛି। କିଛିଦିନର ନୀରବତା ପରେ ପୁଣି ସେମାନେ ସକ୍ରିୟ ହୋଇ ଉଠିଛନ୍ତି। ବିଳମ୍ବିତ ରାତି ହେଲେ ସେମାନେ ଗ୍ୟାଙ୍ଗ ଧରି ବୁଲି ଲୁଟପାଟ କରୁଛନ୍ତି। ରାସ୍ତାରେ ବାଇକ୍ ହେଉ ଅବା ବ୍ୟକ୍ତି ଯିଏ ହାବୁଡ଼ରେ ପଡିଲା ତା'ଠାରୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ପାଖରେ ଯାହା ପାଇଲେ ଛଡାଇ ନେଇ ପଳାଉଛନ୍ତି। ଏହାବ୍ୟତୀତ ଲୁହାପଥର ବୋଝେଇ ଟ୍ରକ ଡ୍ରାଇଭରଙ୍କୁ ଆକ୍ରମଣ କରି ଟଙ୍କା, ମୋବାଇଲ ସବୁ ଛଡାଇ ନେଉଛନ୍ତି। ଏଭଳି ଏକ ଘଟଣା ଘଟିଛି ପାରାଦୀପ ଉପକଣ୍ଠ ଲକଥାନା ଅଧିନ ବିଶ୍ୱାଳିଛକ ନିକଟ ଏକ ବ୍ରିଜ ପାଖର୍ରେ।

ସୂଚନା ମୁତାବକ ଗତକାଲି ରାତି ପ୍ରାୟ୧୧ ଟା ୨୫ରେ ତପନ କୁମାର ସ୍ୱାଇଁ ନାମକ ଜଣେ ଯୁବକ ପାରାଦୀପର ଏକ କମ୍ପାନୀରେ ଡ୍ୟୁଟି ସାରି ନିଜ ଘର ଉଛବାନନ୍ଦପୁରକୁ ବାଇକରେ ଫେରୁଥିଲେ। ବିଶ୍ୱାଳି ଛକ ନିକଟରେ ୨ଜଣ ଯୁବକ ତାଙ୍କୁ ଅଟକାଇବା ସହିତ ହଠାତ ଖଣ୍ଡାରେ ହାଣିବାକୁ ଲାଗିଲେ। ଭୟଭୀତ ହୋଇ ଯୁବକ ଜଣଙ୍କ ଗାଡି



ଛାଡି ତଳେ ବସି ପଡିଲେ। ୨ଲୁଟେରା ଗାଡିକୁ ନେଇ ୧୫ନମ୍ବର ଆଡେ ପଳାଇଥିବା ଯୁବକ ଜଣକ କହିଛନ୍ତି। ଯେହେତୁ ରାତି ଅଧିକ ହୋଇଥିଲା ଯୁବକ ଜଣକ ପାଖରେ କାହାକୁ ପାଇ ନଥିଲେ। କିଛି ସମୟ ପରେ ନିକଟରେ କିଛି ଲୋକଙ୍କୁ ଡାକି ସେ ସବୁ କଥା କହିଥିଲେ। ପରେ ଏ ସମ୍ପର୍କରେ ରାତିରେ ଲକଥାନାରେ ଅଭିଯୋଗ କରିଥିଲେ। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ନିକଟରେ ଲାଗିଥିବା ଏକ ସିସିଟିଭିରେ ସମସ୍ତ ଘଟଣା କଏଦ ହୋଇଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ସୂଚନା ଥାଉକି ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକ ନିଶା ଖାଇବାକୁ ବିଳମ୍ବିତ ରାତିରେ ଏଭଳି କାଣ୍ଡ ଆଗରୁ କରୁଥିଲେ। ପୁଲିସର କଡ଼ା ପାଟ୍ରୋଲିଂ ଯୋଗୁ କିଛିଦିନ ଥମି ଯାଇଥିବା ବେଳେ ପୁଣି ସେହି ଗ୍ୟାଙ୍ଗ ରାସ୍ତାକୁ ଓହ୍ଲାଇଥିବା ଚର୍ଚ୍ଚା ହେଉଛି। ରୀତିମତ ଏବେ ପାରାଦୀପ-ଚଣ୍ଡିଖୋଲ ରାସ୍ତା ଓ ପାରାଦୀପ-କଟକ ରାସ୍ତାର ଦୋଛକି ପରେ ଏହି ଘଟଣା ଘଟୁଛି। ଲୁଟ୍ ଘଟଣାରେ ଜଡିତ ଲୁଟେରାଙ୍କୁ ଧରିବା ସହ ରାତି ପେଟ୍ରୋଲିଂକୁ ଜୋରଦାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭବିଷ୍ୟତ ପିଢ଼ି ପାଇଁ ଗଛଟିଏ ଲଗାଇବା ବ୍ରତ ହେଉ



**ରାଜନଗର,୨୧।୭ (ସମିସ):** ବିଶ୍ୱ ତାପନ ଓ ଜଳବାୟୁର ଅହେତୁକ ପରିବର୍ତ୍ତନ ଯୋଗୁ ମାନବ ସମାଜ ପାଇଁ ବିପଦ ମାଡି ଆସୁଛି। ପରିବେଶର ସନ୍ତୁଳନ ରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଭବିଷ୍ୟତ ପିଢି ପାଇଁ ଏକ ସବୁଜ ପୃଥିବୀ ଗଢି ତୋଳିବାକୁ ଗଛଟିଏ ଲଗାଇବା ବ୍ରତ ହେଉ ବୋଲି ଜିଲ୍ଲା ପରିବେଶ ସମିତି ଓ ରାଜନଗର ବନବିଭାଗ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ରାଜନଗର ବ୍ଲକ ବଡପଲ୍ଲୀ ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ କୁମାର ରାଉତଙ୍କ ସଭାପତିତ୍ୱ ଏବଂ କଥାକାର ପ୍ରଦୀପ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରବୀଣ ଶିକ୍ଷାବିତ୍ ମହେଶ୍ୱର ବଳ ମୁଖ୍ୟ ଅତିଥି, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଇକୋ କ୍ଲବ ସଂଯୋଜକ ଗୋପିନାଥ ଦାସ, ବୃକ୍ଷ ଗବେଷକ ପ୍ରସନ୍ନ କୁମାର ନାୟକ, ଫରେଷ୍ଟର ବିଜୟ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୀତାଞ୍ଜଳି ସାହୁ, ବିଶ୍ୱରଞ୍ଜନ ତରାଇ, ଶିକ୍ଷକ ପ୍ରଦୀପ କୁମାର ସ୍ୱାଇଁ, ଦେବାଶିଷ ଓଝା, ଶୁଭେନ୍ଦୁ ପାଢୀ, ସୌମ୍ୟ ରଞ୍ଜନ ମଲ୍ଲିକ, ସତ୍ୟ ସ୍ୱାଗତ ନାୟକ, ମନୋଜ ଶବର, ସସ୍ମିତା ସେଠୀ, ସୁଲୋଚନା ତ୍ରିପାଠୀ, ସ୍ୱର୍ଣ୍ଣଲତା ନାୟକ, ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଛାତ୍ର ଛାତ୍ରୀଙ୍କୁ ରାଲି, ବକ୍ତୃତା, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଭୂଦାନ ଜଙ୍ଗଲରେ ତାଳମଞ୍ଜି ରୋପଣ



**କେନ୍ଦ୍ରାପଡ଼ା,୨୧।୭ (ସମିସ):** ପରିବେଶର ସନ୍ତୁଳନ ପାଇଁ ତାଳ ଗଛର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍‌ମାନେ ମତ ରଖନ୍ତି। ଗତ କିଛିବର୍ଷ ଭିତରେ ବଜ୍ରପାତ ଜନିତ ଅପମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ପୂର୍ବରୁ ତାଳ ଗଛ ଥିବାରୁ ବଜ୍ରପାତ ପ୍ରାୟ ଆୟତ୍ତରେ ଥିଲା। ଏହି ଗଛ ସଂଖ୍ୟା ଧିରେ ଧିରେ କମିଯିବାରୁ ଏବେ ବଜ୍ରପାତ ମୃତ୍ୟୁସଂଖ୍ୟା ବଢୁଥିବା ପରିଲକ୍ଷିତ ହେଉଛି। ଏଥିପାଇଁ ଜନ ଜୀବନ ନଷ୍ଟ ହେଉଛି। ଏହି ପରିସ୍ଥିତି ଅନୁଧ୍ୟାନ କରି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପୁରୀ ଜିଲ୍ଲା ଅନ୍ତର୍ଗତ ତାଳବଣିଆ ଅଞ୍ଚଳର ଭୂଦାନ ଜଙ୍ଗଲରେ ତାଳ ମଞ୍ଜି ରୋପଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏକ ଶତ ମଞ୍ଜି ରୋପଣ ହୋଇଛି। ଏହି କାର୍ଯ୍ୟକୁ ଅଞ୍ଚଳବାସୀମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ଆୟୋଜନ କରିଥିବା ବେଳେ ସେହି ଅଞ୍ଚଳର ଲିପୁନ ବେହେରା, ଓମ୍ ପ୍ରକାଶ ନାୟକ, ସତ୍ୟ ରଞ୍ଜନ ପଳାଇ, ଅମିତ୍ ସାମଲ, କ୍ରୀଷ୍ଣା ବାହାଦୁର, ପୀୟୂଷ ପାତ୍ର, ଓମ୍ ପାଇକରାୟ, ସୌମ୍ୟ ରଞ୍ଜନ ପାଣି, ସୌମ୍ୟଜିତ୍ ମହାପାତ୍ର, ଚନ୍ଦନ ମହାରଣା ପ୍ରମୁଖ କୁନି ପିଲାମାନେ ସହଯୋଗ କରିଥିଲେ।

ଜୁଆଣିଆ ପଞ୍ଚାୟତ

# ସରିଲା ଲୋକାୟୁକ୍ତ ତଦନ୍ତ; ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ



**ଆଳି,୨୧।୭ (ସମିସ):** ଆଳି ବ୍ଲକ ଜୁଆଣିଆ ପଞ୍ଚାୟତରେ ମନରେଗା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ ଉକ୍ତ ପଞ୍ଚାୟତର ପ୍ରଶାନ୍ତ ସାମଲ। ଉକ୍ତ ପଞ୍ଚାୟତରେ ହୋଇଥିବା ୧୨ ଟି ପ୍ରକଳ୍ପରେ କାମ ନ ହୋଇ ହରିଲୁଟ କରା ଯାଇଥିବା ସେ ଅଭିଯୋଗ କରିବା ଦୁଇଦିନ ଧରି ଲୋକାୟୁକ୍ତ ଅଧିକାରୀମାନେ ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ଆର୍ଥିକ ବର୍ଷ ୨୦୨୧-୨୨ ରେ ଜୁଆଣିଆ ତାରିଣୀ ପୋଖରୀ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ପଞ୍ଚାୟତ ସମ୍ମୁଖରେ ମାଟି ଫିଲିଂ, ୟୁପି ସ୍କୁଲର ଡାଇନିଂ ହଲ ନିର୍ମାଣ, ନାୟକ ସାହି ଓ ସାମଲ ସାହିରେ ଫେବର୍ ବ୍ଲକ ରାସ୍ତା, ୨୦୨୦-୨୧ ଆର୍ଥିକ ବର୍ଷରେ ବାଳିକା ବିଦ୍ୟାଳୟ ପାର୍କ, ଶିବ ମନ୍ଦିର ନିକଟରେ ଗ୍ରାମୀଣ ପାର୍କ ଆଦି ୧୨ ଟି ପ୍ରକଳ୍ପରେ ୬୭ ଲକ୍ଷ ଟଙ୍କା କାର୍ଯ୍ୟରେ ହେର ଫେର ହୋଇଥବା ଅଭିଯୋଗକୁ ନେଇ ଅଧିକାରୀମାନେ ମାପ ଚୁପ କରି ତଦନ୍ତ କରିଥିଲେ। ଏଥିରେ ଲୋକାୟୁକ୍ତ ଉପ ନିର୍ଦ୍ଦେଶକ ମାନଗୋବିନ୍ଦ ବିଶ୍ୱାଳ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ ସାହୁ, ସହକାରୀ ଯନ୍ତ୍ରୀ ହିମାଂଶୁ ଶେଖର ସାହୁ ସାମିଲ ହୋଇଥିଲେ। ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ତତ୍କାଳିନ ସହକାରୀ ଯନ୍ତ୍ରୀ ସୁରେଶ ବେହେରା, କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ପରିଡ଼ା ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଆବଶ୍ୟକୀୟ ତଥ୍ୟ ଯୋଗାଇ ଦେଇଥିଲେ। ତଦନ୍ତ ପରେ ଅଧିକାରୀମାନେ ଫେରି ଯାଇଥିବାବେଳେ ଖୁବ୍‌ଶୀଘ୍ର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଶିବାନନ୍ଦ ଆଶ୍ରମରେ ଗୁରୁପୂର୍ଣ୍ଣିମା



**କେନ୍ଦ୍ରାପଡା,୨୧।୭ (ସମିସ):** କେନ୍ଦ୍ରାପଡା ଦିବ୍ୟ ଜୀବନ ସଂଘ ଶାଖା ଆନୁକୂଲ୍ୟରେ ଗରାପୁର ସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଗୁରୁପୂର୍ଣ୍ଣିମା ମହୋତ୍ସବ ଓ ଗୁରୁପାଦ ପୂଜା ପର୍ବ ପାଳିତ ହୋଇଯାଇଛି। ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ପୌରହିତ୍ୟରେ ଗୁରୁପାଦ ପୂଜା, ଆଧ୍ୟାତ୍ମିକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ସମେତ ଶିବାନନ୍ଦ ଭଜନ ଗଙ୍ଗା ପକ୍ଷରୁ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ବ୍ୟାସଦେବଙ୍କ ଜନ୍ମ ଉତ୍ସବ ଏବଂ ଗୁରୁପୂର୍ଣ୍ଣିମା ସମ୍ପର୍କରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ଦିବ୍ୟ ଜୀବନ ସଂଘର ଉପାଧ୍ୟକ୍ଷ ଡ. କାଳୀପ୍ରସନ୍ନ ଶତପଥୀ, ସମ୍ପାଦକ ଅଧ୍ୟାପକ ଶରତଚନ୍ଦ୍ର ପାତ୍ର, ଅଧ୍ୟାପକ ଡ. ଭଗବାନ ପତ୍ରୀ, ଶ୍ରୀଧର ରାଉତ, ଡା. ଶରତ ବରାଳ, ରୀତାଞ୍ଜଳୀ ଚୌଧୁରୀ, ରିତାଞ୍ଜଳୀ ନାଥ, ଶୁଭଲକ୍ଷ୍ମୀ ଦାସ, ମନୋରଞ୍ଜନ ତ୍ରିପାଠୀ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଆଲୋଚନା କରିଥିଲେ। ସ୍ୱାମୀ ଶିବାନନ୍ଦ ଓ ସ୍ୱାମୀ ଚିଦାନନ୍ଦଙ୍କର ଗୁରୁପୂର୍ଣ୍ଣିମାରେ ଅବଦାନ ଏବଂ ଦିବ୍ୟଜୀବନ ସଂଘର ଦିବ୍ୟ ଉଦ୍ଦେଶ୍ୟ ବିଷୟରେ ଚର୍ଚ୍ଚା କରାଯାଇଥିଲା। ସୁଧାଂଶୁ ବିଶ୍ୱାଳ, ସୌଦାମିନୀ ମହାପାତ୍ର ଓ ସୁଶୀଳ ସୁତାରଙ୍କ ନେତୃତ୍ୱରେ ଶ୍ରୀମା'ଙ୍କ ରଚିତ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଧୋଇ ମଲିକ, ଗଣେଶ୍ୱର ଦାସ, ପ୍ରମୋଦ ଦାସ, ନିକୁଞ୍ଜ ରାୟ, ଦେବେନ୍ଦ୍ର ସାମନ୍ତ, କାମଦେବ ନାୟକ, ଶିବାନନ୍ଦ ମାତୃ ସତ୍‌ସଙ୍ଗ, ଆଳିଜଙ୍ଗାର ସଦସ୍ୟମାନେ ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବ୍ରହ୍ମଚାରୀ ନୃସିଂହ ଦାସ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଏବିଭିପିର ପୂର୍ବତନ କାର୍ଯ୍ୟକର୍ତ୍ତାଙ୍କ ସମ୍ମିଳନୀ



**କେନ୍ଦ୍ରାପଡ଼ା,୨୧।୭ (ସମିସ):** ଆଜି କେନ୍ଦ୍ରାପଡା ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପୂର୍ବତନ କାର୍ଯ୍ୟକର୍ତ୍ତା ମାନଙ୍କ ସମ୍ମିଳନୀ କେନ୍ଦ୍ରାପଡା ରାମ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଜିଲ୍ଲା ପ୍ରମୁଖ ତ୍ରୈଲୋଚନ ଦାସଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟତା ପାଇଁ ପୋଷ୍ଟର ଉନ୍ମୋଚନ କରାଗଲା। ଆଗାମୀ ଦିନରେ କେଉଁଭଳି ଭାବରେ ବିଦ୍ୟାର୍ଥୀ ପରିଷଦ ସଦସ୍ୟତା ମହାପର୍ବରେ ପ୍ରାୟ ୧୦,୦୦୦ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟତା ହେବ ଯୋଜନା କରାଯାଇଛି। ଏଥିରେ ଜିଲ୍ଲା ସଂଯୋଜକ ବିକ୍ରମ କେଶରୀ ରାଉତ, ବିଭାଗ ସହ ସଂଯୋଜକ ସତ୍ୟ ରଞ୍ଜନ ନାୟକ, ବିଭାଗ ଏସ୍.ଏଫ୍.ଡି ସଂଯୋଜକ ଶଶୀ ପ୍ରସାଦ ମହାରଣା, ବିଭାଗ ଛାତ୍ରୀ ପ୍ରମୁଖ ଲକ୍ଷ୍ମୀପ୍ରିୟା ରାଉତ, ଜିଲ୍ଲା ଏସ୍.ଏଫ୍.ଏସ୍ ସହ ସଂଯୋଜକ ଗୁରୁ ପ୍ରସାଦ ରାଉତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ସାମଲ ଉପସ୍ଥିତ ଥିଲେ। ସେହିପରି ପୂର୍ବତନ କାର୍ଯ୍ୟକର୍ତ୍ତା ଗୌତମ ସାହୁ, ଅମୃତ ମହାନ୍ତି, ଦିବ୍ୟଜ୍ୟୋତି ଜେନା, ରଶ୍ମିରଞ୍ଜନ ସେଠୀ, ଶୁଭକାନ୍ତ ନାୟକ, ନୟନା ନନ୍ଦ ବେହୁରା, ରଜନୀକାନ୍ତ ନାୟକ, ରୁଦ୍ର ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ପକ୍ଷରୁ

# ଜାତୀୟସ୍ତରର ଭାରୋତ୍ତୋଳନକାରୀଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୨୧।୭ (ସମିସ):** କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ମୁଖ୍ୟ ଦପ୍ତରଠାରେ ଜାତୀୟସ୍ତରର ଭାରୋତ୍ତୋଳନକାରୀ ରୋନିତ ରୋଶନ ସ୍ୱାଇଁଙ୍କୁ ଉତ୍ତରୀୟ, ଫୁଲତୋଡା, ମାନପତ୍ର ସହିତ ୧୦ ହଜାର ଟଙ୍କାର ପ୍ରୋତ୍ସାହନମୂଳକ ଆର୍ଥିକ ରାଶି ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଛି। ପ୍ରକାଶ ଯେ, ଜାତୀୟ ଭାର ଉତ୍ତୋଳନ ଫେଡରେସନ ପକ୍ଷରୁ ଗତ ୩ ଜୁଲାଇରୁ ମଧ୍ୟପ୍ରଦେଶ ଉଜ୍ଜୟିନୀଠାରେ ଅନୁଷ୍ଠିତ ୬୨ କିଲୋ ବର୍ଗ ଭାରଉତ୍ତୋଳନ ପ୍ରତିଯୋଗିତାରେ ୪୬୦ କିଲୋ ଭାରୋତ୍ତୋଳନ କରି ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୋଶନ ରୌପ୍ୟପଦକ ହାସଲ କରିଛନ୍ତି। ସମିତି ପକ୍ଷରୁ ସଭାପତି ପ୍ରମୋଦ ସାହୁ ରୋଶନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମିତି ସମ୍ପାଦକ ପ୍ରହ୍ଲାଦ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ଚିଫ୍ ଜେନେରାଲ ମ୍ୟାନେଜର ମନୋଜ ସାହୁଙ୍କ ସମେତ କର୍ମଚାରୀ ଏବଂ ଏଜେଣ୍ଟମାନେ ଏହି ଅବସରରେ ଉପସ୍ଥିତ ଥିଲେ।



# ଦମ୍ପତିଙ୍କ ବିଷପାନ; ସ୍ୱାମୀ ମୃତ, ସ୍ତ୍ରୀ ବିପଦମୁକ୍ତ

## ସ୍ୱର୍ଗଦ୍ୱାରକୁ ଶବ ହୋଇ ଗଲେ ଶବର ଶେଷ ସାଥୀ

ସୁନ୍ଦରଗଡ଼, ୨୧।୭(ସମିସ)

ସପ୍ତାହକ ତଳେ କୀଟନାଶକ ପିଇ ରାଉରକେଲା ଜେପି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କାଲୋବାହାଲ ଗ୍ରାମର ଘାସି ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀ ମନୋରଞ୍ଜନ ଘାସି ଓରଫ କାଳିଆ (୪୫)ଙ୍କ ମୃତ୍ୟୁ ଘଟିଛି। ଗତ ୧୪ ତାରିଖ ରାତିରେ କୌଣସି କାରଣରୁ ମନୋରଞ୍ଜନ ଓ ତାଙ୍କ ସ୍ତ୍ରୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ମନୋରଞ୍ଜନ ଭାରସାମ୍ୟ ହରାଇ ତାଙ୍କ ସ୍ତ୍ରୀ ଆଗରେ କୀଟନାଶକ ପିଇ ଦେଇଥିଲେ। ଏହା ଦେଖି ସ୍ତ୍ରୀ ମଧ୍ୟ ତାଙ୍କଠାରୁ କୀଟନାଶକ ଡବା ଛଡ଼ାଇ ନେଇ ବଳକା ଭାଗ ପିଇଥିଲେ। ପରିବାର ଲୋକେ ଉଭୟଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ଜେପି ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ମନୋରଞ୍ଜନଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ତ୍ରୀ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି।



ମନୋରଞ୍ଜନ ଗରିବ ଶ୍ରେଣୀର ହେଲେ ମଧ୍ୟ ତାଙ୍କ ସମର୍ପିତ ସେବା ମନୋଭାବ ପାଇଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଚାଷବାସ ଓ ଶ୍ରମିକ ଭାବେ ଗୁଜୁରାଣ ମେଣ୍ଟାଉଥିଲେ ହେଁ ସ୍ତ୍ରୀ ଓ ତିନି ଝିଅ ରଞ୍ଜିତା, ରଶ୍ମିତା, ବିଦ୍ୟା ଓ ଗୋଟିଏ ପୁଅକୁ ନେଇ ବେଶ୍ ହସଖୁସିରେ ଥିଲେ। ମହାମହାରୀ କୋରୋନା କାଳରେ ଯେତେବେଳେ ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରରେ ଚିତା ଜୁଇ ଲିଭୁ ନ ଥିଲା, ସେ ସମୟରେ ଶବଦାହ ପାଇଁ କାଠ ଯୋଗାଇବା ଓ ସ୍ୱର୍ଗଦ୍ୱାର ପରିସରକୁ ସଫାସୁତୁରା ରଖିବା ସହ ଶ୍ମଶାନ ବନ୍ଧୁଙ୍କୁ ପୂର୍ଣ୍ଣ ସହଯୋଗ କରି ଆସୁଥିଲେ। ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱଳ୍ପ ପାରିଶ୍ରମିକ ଦିଆଯାଉଥିଲେ ହେଁ ନିଷ୍ଠାର ସହ ସେବା ଯୋଗାଉଥିଲେ। କୋରୋନାର ପ୍ରକୋପ କମିବା ପରେ ମଧ୍ୟ ଶ୍ମଶାନ ବନ୍ଧୁଙ୍କ ସେବାରେ ପ୍ରଭାବିତ ହୋଇ ତାଙ୍କ ସହିତ ଯୋଡ଼ିହୋଇ ରହିଥିଲେ। ସହରର କିଛି ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦତ୍ତ ଅତ୍ୟନ୍ତ କମ୍ ପାରିଶ୍ରମିକରେ ସେ ସନ୍ତୁଷ୍ଟ ରହୁଥିଲେ। ତାଙ୍କ ନିଷ୍ଠାପର ସେବାକୁ ସମ୍ମାନ ଜଣାଇ ପରବର୍ତ୍ତୀ ସମୟରେ ସୁନ୍ଦରଗଡ଼ ପୌର ପରିଷଦ ପକ୍ଷରୁ ତାଙ୍କୁ ସ୍ୱର୍ଗଦ୍ୱାର ସଫେଇ କର୍ମଚାରୀ ଭାବେ ନିୟୋଜିତ କରାଯାଇଥିଲା। ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସ୍ୱର୍ଗଦ୍ୱାରରେ ଉପସ୍ଥିତ ରହି ଶବ ସଂସ୍କାର ସକାଶେ ଆସୁଥିବା ଲୋକମାନଙ୍କୁ ନିଷ୍ଠାପର ସେବା ଯୋଗାଇ ଆସୁଥିଲେ। ସେହିପରି ଅଜଣା, ଅଚିହ୍ନା, ପରିତ୍ୟକ୍ତ ଶବଗୁଡ଼ିକର ଶେଷକୃତ୍ୟ ସକାଶେ ଶ୍ମଶାନ ବନ୍ଧୁଙ୍କ ନିଃସ୍ୱାର୍ଥପର ସେବାରେ ସେ ପ୍ରତ୍ୟକ୍ଷ ଭାବେ ସହଯୋଗ କରୁଥିଲେ। ମନୋରଞ୍ଜନଙ୍କ ମୃତଦେହ ନିଜ ଗ୍ରାମରେ ପହଞ୍ଚିବା ପରେ କାଲୋବାହାଲ ଓ ତସଲାଡିହି ଗ୍ରାମର ଜନସାଧାରଣ ଶେଷ ଦର୍ଶନ କରିବା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମୃତଦେହ କର୍ମଭୂମି ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରକୁ ନିଆଯାଇ ଶ୍ମଶାନ ବନ୍ଧୁଙ୍କ ଦ୍ୱାରା ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମନୋରଞ୍ଜନଙ୍କ ପୁଅ ମୁଖାଗ୍ନି ଦେଇଥିଲେ। ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସମେତ ଶିଶିର କୁମାର ବେହେରା, ଚିଣ୍ଟୁ ରକ୍ସା, ଦେବେନ୍ଦ୍ର ସାହୁ, ବିଜେପି ଯୁବନେତା ଅମିୟ ପଟ୍ଟନାୟକ, ବନବାସୀ କଲ୍ୟାଣ ଆଶ୍ରମ ରାଜ୍ୟ ସମ୍ପାଦକ ପଙ୍କଜ ଠାକୁର, ଶଶି ମହାକୁଲ, ବିଜୟ ହୋତା, ସ୍ୱପ୍ନାଶିଷ ଦାସ ପ୍ରମୁଖ ସ୍ୱର୍ଗଦ୍ୱାରରେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗଦ୍ୱାରରେ ଶବର ଶେଷସାଥୀ ଅସମୟରେ ଶବ ହୋଇଯିବା ଘୋର ଦୁଃଖଦ ଖବର ଏବଂ ଅପୂରଣୀୟ କ୍ଷତି ବୋଲି ଦର୍ଶାଇ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ, ପୌରାଧ୍ୟକ୍ଷା ତନୟା ମିଶ୍ର ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ଡ୍ୟାମ୍‌ରେ ବୁଡ଼ିଗଲେ ୨ ଯୁବକ



ରାଉରକେଲା/ରାଜଗାଙ୍ଗପୁର, ୨୧।୭(ସମିସ): ମନ୍ଦିରା ଡ୍ୟାମ୍‌କୁ ମାଛ ଧରିବାକୁ ଯାଇଥିବା ବେଳେ ରବିବାର ୨ ଯୁବକଙ୍କ ସଲିଳ ସମାଧି ହୋଇଛି। ମୃତକ ଦ୍ୱୟ ହେଲେ କୁଆଁରମୁଣ୍ଡା ଥାନା ଝାରବେଡ଼ା ଗାଁର ପୀୟୂଷ ବାଖଲା (୨୫) ଏବଂ ବୀରମିତ୍ରପୁର ଥାନା ଦେଓକରନ୍ ଦଫେଇର ସୁମନ ଡାଙ୍ଗ (୨୬)।

ଅପରାହ୍ନରେ ପାଞ୍ଚ ଜଣ ଯୁବକ ମାଛ ଧରିବା ପାଇଁ ରାଏବୋଗା ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମ ନିକଟ ମନ୍ଦିରା ଡ୍ୟାମ୍‌କୁ ଯାଇଥିଲେ। ମାଛ ଧରିବା ସମୟରେ ଦୁଇଜଣଙ୍କ ଗୋଡ଼ କାଦୁଅରେ ଫସିଯାଇଥିଲା। ଫଳରେ ସେମାନେ ଗଭୀର ପାଣିରୁ ବାହାରିପାରି ନ ଥିଲେ। ସ୍ଥାନୀୟ ଲୋକେ ଏ ନେଇ ରାଏବୋଗା ଥାନା ଓ କୁଆଁରମୁଣ୍ଡା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ପୁଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରିବା ପରେ ଦୁଇ ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବର୍ଷା ପାଇଁ ଇନ୍ଦ୍ର ଦେବତାଙ୍କ ପୂଜାର୍ଚ୍ଚନା

ବାଲିଶଙ୍କରା, ୨୧।୭(ସମିସ): ବାଲିଶଙ୍କରା ବ୍ଲକ ବାଲିଶଙ୍କରା ଭାଟିପଡ଼ାରେ ସ୍ୱଳ୍ପ ବର୍ଷା ହୋଇଥିବାରୁ ଚାଷକାର୍ଯ୍ୟ ଗୁରୁତର ବାଧାପ୍ରାପ୍ତ ହୋଇଛି। ବର୍ଷା ପାଇଁ ପଡ଼ାର ମହିଳାମାନେ ଇନ୍ଦ୍ର ଦେବତାଙ୍କ ପୂଜାର୍ଚ୍ଚନା କରିଛନ୍ତି। ସମସ୍ତ ଚାଷୀ ପରିବାରର ମହିଳା ଏକତ୍ରିତ ହୋଇ ନିକଟସ୍ଥ ଡୁଡୁଙ୍ଗ ନାଳାକୁ ଯାଇ ସ୍ନାନ କରି କଳସରେ ଜଳ ଧାରଣ କରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ହୁଳହୁଳି, ଘଣ୍ଟ, ଶଙ୍ଖ ଧ୍ୱନି ସହ ଇନ୍ଦ୍ର ଦେବତାଙ୍କୁ ସ୍ମରଣ କରି ଅଶ୍ୱତ୍ଥ ଗଛ ମୂଳେ ପୂଜାର୍ଚ୍ଚନା କରିଥିଲେ। ପରେ ସମସ୍ତ ମହିଳା ଏକା ସାଙ୍ଗରେ ଅଶ୍ୱତ୍ଥ ଗଛକୁ ପରିକ୍ରମା କରି ଧାରଣ କରି ଆଣିଥିବା ଜଳ ଗଛ ମୂଳରେ ଢାଳିଥିଲେ। ଶେଷରେ ସମସ୍ତେ ଆଣିଥିବା ଭୋଗକୁ ପ୍ରସାଦ ରୂପେ ସେବନ କରିଥିଲେ। ଅଶ୍ୱତ୍ଥ ବୃକ୍ଷ ମୂଳେ ପାଣି ଢାଳି ଏପରି ପୂଜା କଲେ ବର୍ଷା ହୋଇଥାଏ ବୋଲି ଗ୍ରାମର ବରିଷ୍ଠ ନାଗରିକ ବଳରାମ ନାଏକ, ନେହେରୁ କୁଜୁର, ମାହାତ ଏକ୍କା ପ୍ରମୁଖ ମତ ପ୍ରକାଶ କରିଛନ୍ତି।



# ଅଘରିଆ ସମାଜର ଐତିହ୍ୟ ଓ ଭବିଷ୍ୟତ ସମ୍ପର୍କିତ ଆଲୋଚନାଚକ୍ର



ସୁନ୍ଦରଗଡ଼, ୨୧।୭(ସମିସ): ଅଖିଳ ଭାରତୀୟ ଅଘରିଆ ସମାଜ ଗାଙ୍ଗପୁର ଅଞ୍ଚଳ ଅନ୍ତର୍ଗତ ଗଡ଼ ମହୁଲପାଲି ଗୁଡ଼ି ସଭାପତି ଅଭିନ୍ନ ଚନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଅଘରିଆ ସମାଜର ଐତିହ୍ୟ ଓ ଭବିଷ୍ୟତ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ସମାଜର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ଐତିହ୍ୟ ଓ ଭବିଷ୍ୟତ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେଣୁଧର ଚୌଧୁରୀ, ପ୍ରଦୀପ କୁମାର ନାଏକ, ମହେନ୍ଦ୍ର ପଟେଲ, ଯଶୋବନ୍ତ ନାଏକ, ଈଶ୍ୱର ଚନ୍ଦ୍ର ନାଏକ, ସୁରେଶ କୁମାର ପଟେଲ, ଗୋଲାପ ଚନ୍ଦ୍ର ପଟେଲ ଓ ପ୍ୟାରୀମୋହନ ପଟେଲ ଆଲୋଚନାରେ ଭାଗ ନେଇଥିଲେ। ଦେବେନ୍ଦ୍ର ପଟେଲ, ଦିଲୀପ ପଟେଲ, ଭିକାରୀ ଚରଣ ଚୌଧୁରୀ, ସୋମନାଥ ପଟେଲ ତଥା ବିଭିନ୍ନ ଗୁଡ଼ି ଓ ମଣ୍ଡଳର ପ୍ରତିନିଧିମାନେ ଯୋଗଦେଇଥିଲେ। ଜୀବଧନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହୁଲପାଲି ଗୁଡ଼ି ପକ୍ଷରୁ ପ୍ରକାଶିତ ମୁଖପତ୍ର 'ପରିଚୟ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ହତ୍ୟା ଉଦ୍ୟମ; ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼, ୨୧।୭(ସମିସ): ହତ୍ୟା ଉଦ୍ୟମ ଅଭିଯୋଗରେ ବଡ଼ଗାଁ ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସୁନ୍ଦରଗଡ଼ ଜେଲ ପଠାଇ ଦିଆଯାଇଛି। ପଟୁଆବେଡ଼ା ଗ୍ରାମର ବିକାଶ ପ୍ରଧାନ ଓ ନବୀନ ବାଗଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା। ତେବେ ଗତ ୧୯ ତାରିଖ ସନ୍ଧ୍ୟାରେ ମଦ୍ୟପାନଜନିତ କାରଣରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ନବୀନଙ୍କୁ ବିକାଶ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିଲେ। ନବୀନ ଗୁରୁତର ଆହତ ହୋଇ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ବଡ଼ଭାଇ ଦିଲୀପ ବାଗ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ କରି ବିକାଶଙ୍କୁ ଗିରଫ କରିଛି।

# ମୋବାଇଲ ଚୋରି; ୨ ଗିରଫ



ସୁନ୍ଦରଗଡ଼, ୨୧।୭(ସମିସ): ମୋବାଇଲ ଚୋରି ଅଭିଯୋଗରେ ଭଷ୍ମା ଥାନା ପୁଲିସ ୨ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ସାହେବଗଞ୍ଜ ଜିଲ୍ଲା ଟିନପାହାଡ଼ ଥାନା ଅନ୍ତର୍ଗତ ଟିନପାହାଡ଼ ଗ୍ରାମର ପ୍ରାଣଧନ ରଜକଙ୍କ ପୁଅ ମଗନ ରଜକ ଓ ଗଙ୍ଗା ମହାତୋଙ୍କ ପୁଅ ଅମରଜିତ ମହାତୋ। ଭାଲୁଗାଡ଼ ଗ୍ରାମର ଲଳିତ ମୋହନ ସେଠ ଶନିବାର ଅପରାହ୍ନରେ ଦେଉଳୀ ସାପ୍ତାହିକ ବଜାରକୁ ଆସିଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ଦାମୀ ମୋବାଇଲ ଫୋନ୍ ଚୋରାଇ ନେଇଥିଲେ। ଏ ନେଇ ଲଳିତ ଥାନାରେ ଏତଲା ଦେବା ପରେ ପୁଲିସ ଉକ୍ତ ଚୋରି ମୋବାଇଲକୁ ଟ୍ରାକିଂ କରି ୨ ଅଭିଯୁକ୍ତଙ୍କୁ ଝାରସୁଗୁଡ଼ାରୁ ଗିରଫ କରିବାରେ ସକ୍ଷମ ହୋଇଛି।

# ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ସ୍ୱାଗତ ଉତ୍ସବ




ସୁନ୍ଦରଗଡ଼, ୨୧।୭(ସମିସ): ସ୍ଥାନୀୟ ଶଙ୍କର ମ୍ୟାରେଜ ହଲରେ ସୁନ୍ଦରଗଡ଼ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ନୂତନ ଭାବରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ପକ୍ଷରୁ ଫୁଲ ଓ ଉପହାର ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ସ୍କୁଲ ସଭାପତି ସତ୍ୟଭାମା ପଟେଲ, ସମ୍ପାଦିକା ସିଂଗମା ପଟେଲ, ନିର୍ଦ୍ଦେଶକ ପ୍ରଭାତ ପଟେଲ, ଏକାଡେମିକ ଡାଇରେକ୍ଟର ଗୋପାଳ ପ୍ରସାଦ ରଥ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲ ଅଧ୍ୟକ୍ଷା ନାଜିଆ ଉସମାନୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସାଂସ୍କୃତିକ ସନ୍ଧ୍ୟାର ଶୁଭାରମ୍ଭ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

# ଗାଙ୍ଗପୁର ଟ୍ରକ ମାଲିକ ସଂଘର ଚାରାରୋପଣ



ସୁନ୍ଦରଗଡ଼, ୨୧।୭(ସମିସ): ସୁନ୍ଦରଗଡ଼ ଜିଲ୍ଲା ଗାଙ୍ଗପୁର ମଲ୍ଟି ଏକ୍ସେଲ ଟ୍ରକ ମାଲିକ ସଂଘ ପକ୍ଷରୁ ସ୍ଥାନୀୟ ସ୍ୱର୍ଗଦ୍ୱାର ପରିସର ଇବ୍ ନଦୀ ଉପତ୍ୟକାରେ ବିଭିନ୍ନ କିସମର ଶହେରୁ ଅଧିକ ଚାରା ରୋପଣ କରାଯାଇଛି। ଏଥିରେ ଲିମ୍ବ, ବେଲ, ବର, ଅଶ୍ୱତ୍ଥ, ଜାମୁ, ଆମ୍ବ ଓ ଅନ୍ୟ ପ୍ରଜାତିର ଚାରା ରହିଛି। ପ୍ରଥମେ ଜେସିବି ଦ୍ୱାରା ପରିସରକୁ ସଫା କରାଯାଇଥିଲା। ପରେ ଚାରାରୋପଣ କରାଯାଇଥିଲା। ଗାଙ୍ଗପୁର ମଲ୍ଟି ଏକ୍ସେଲ ଟ୍ରକ ମାଲିକ ସଂଘ ସଭାପତି ସୁକୁମାର ପଣ୍ଡା, ସମ୍ପାଦକ ପର୍ଶୁରାମ ସରାଫ, କିଶୋର ପଟେଲ, ଏସଟିଓଏ ସଭାପତି ରିତେଶ ପଟେଲ, ଜୟନ୍ତ କୁମାର ଧଳ, ଶ୍ମଶାନ ବନ୍ଧୁ ଶିଶିର କୁମାର ବେହେରା, ପଙ୍କଜ ଠାକୁର, ଅଶୋକ ମହାନ୍ତି, ସନତ ତ୍ରିପାଠୀ, ଟୁନା ପଣ୍ଡା, ମାନଭଞ୍ଜନ ଦାସ, ଉଦୟ ଯାଦବ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଆହୁରି ଅନେକ ସ୍ଥାନରେ ମଧ୍ୟ ଚାରାରୋପଣ କରି ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗାଙ୍ଗପୁର ମଲ୍ଟି ଏକ୍ସେଲ ଟ୍ରକ ମାଲିକ ସଂଘ ବହନ କରିବ ବୋଲି ସଂଘ ସଭାପତି ପଣ୍ଡା ପ୍ରକାଶ କରିଛନ୍ତି।

# ଗୁରୁପୂର୍ଣ୍ଣିମା: ହେମଗିରି ଝାଡ଼େଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା

ହେମଗିରି, ୨୧।୭(ସମିସ): ଗୁରୁପୂର୍ଣ୍ଣିମା ଅବସରରେ ହେମଗିରି ସ୍ମାଇଲ ମର୍ଣ୍ଣିଂ ଗ୍ରୁପ୍ ସଭ୍ୟଙ୍କ ଦ୍ୱାରା ସ୍ଥାନୀୟ ଝାଡ଼େଶ୍ୱର ମନ୍ଦିରରେ ରବିବାର ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ହୋମଯଜ୍ଞ ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସ୍ମାଇଲ ମର୍ଣ୍ଣିଂ ଗ୍ରୁପ୍ ସଭ୍ୟ ମହେନ୍ଦ୍ର ସିଂ ବାବୁ, ନିରଞ୍ଜନ ନାୟକ, ଦେବେନ ଦାନି, ସୁରେନ୍ଦ୍ର ପଶାୟତ, ଆଶ୍ରିତ କର, ଦୀନେଶ କାଲୋ, ପୁରୁଷୋତ୍ତମ ନାଏକ, ଆଲୋକ କୁମାର ସିଂ, ସୁରେଶ ସାହୁ, ପୁରୁଷୋତ୍ତମ ଦାସ, ବଳଦେବ ସିଂ ବାବୁ ପ୍ରମୁଖ ଉପସ୍ଥିତ ରହି ଅଞ୍ଚଳବାସୀଙ୍କ ଶୁଭକାମନା କରିଥିଲେ। ସଭ୍ୟ ତଥା ପୁରୋହିତ ଉମେଶ ଶତପଥୀ ଝାଡ଼େଶ୍ୱର ବାବାଙ୍କ ପୂଜା ଦାୟିତ୍ୱ ତୁଲାଇଥିଲେ।





# ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ଜିଲ୍ଲା କମିଟି ବୈଠକ

ସୁନ୍ଦରଗଡ଼, ୨୧।୭(ସମିସ): ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ସୁନ୍ଦରଗଡ଼ ଜିଲ୍ଲା କମିଟି ବୈଠକ ଅନୁଷ୍ଠିତ ହୋଇଛି। ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗୋଲାପୀ ବନଛୁରଙ୍କ ସଭାପତିତ୍ୱରେ ସ୍ଥାନୀୟ ଲୁହୁରାଡିପା କମ୍ୟୁନିଟି ସେଣ୍ଟରରେ ଆୟୋଜିତ ଏହି ବୈଠକରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ କୁମାର ଦାଶ ମୁଖ୍ୟଅତିଥି ଓ ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି କମଳ କୁମାର ଷଣ୍ଢ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମିଛ କଥାରେ ନ ପଡ଼ି ସଂଘକୁ ମଜବୁତ କରିବା, ସଂଘର ନୀତିନିୟମ ମାନି ଚଳିବା, ନିଜ ହକ୍ ପାଇଁ ଲଢ଼େଇ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆସନ୍ତା ୨୮ ତାରିଖ ଭୁବନେଶ୍ୱର ଏଆଇଟିୟୁସି ରାଜ୍ୟ କାର୍ଯ୍ୟାଳୟରେ ହେବାକୁ ଥିବା ରାଜ୍ୟସ୍ତରୀୟ ବୈଠକରେ ପ୍ରତ୍ୟେକ ବ୍ଲକରୁ ୨ ଜଣ ଲେଖାଏଁ ନେତୃତ୍ୱ ଯୋଗଦେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ଗୀତା ସା, ବାସନ୍ତୀ ଦେଈ, ସୁକାନ୍ତି ରଣା, ଶୈଳେନ୍ଦ୍ରୀ ନାଏକ, ମିନା ନାଗ, ଗୀତା କୁଜୁର, ଆଲିସାବା ଆଇନ୍ଦ, ପ୍ୟାରୀ ଓରାମ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରମ୍ଭା ନୁନଛୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।



# ଧାନଯୋଗ ଟ୍ରଷ୍ଟ ପକ୍ଷରୁ ଗୁରୁପୂର୍ଣ୍ଣିମା ଧ୍ୟାନ କାର୍ଯ୍ୟକ୍ରମ






ରାଉରକେଲା, ୨୧।୭(ସମିସ)

ଧାନଯୋଗ ଟ୍ରଷ୍ଟ ପକ୍ଷରୁ ଗୁରୁପୂର୍ଣ୍ଣିମା ଧ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସୁପରିଚିତା ଧ୍ୟାନ ସାଧିକା ମା' ଦୀପ୍ତି ମାଦେଲା ଧ୍ୟାନ ଶିବିର ପରିଚାଳନା କରିଥିଲେ। ସେ କହିଲେ ଯେ ଧାନଯୋଗ ଦ୍ୱାରା ମନୁଷ୍ୟ ଜୀବନଚକ୍ରରୁ ମୁକ୍ତି ପାଇପାରିବ। ଗୃହସ୍ଥ ଜୀବନ ମଧ୍ୟରେ ରହି ସହଜ ଭାବେ ଏହି ଧ୍ୟାନ କରାଯାଇ ପାରିବ। ଦୁଇ ହସ୍ତର ଅଙ୍ଗୁଳି ସମୂହକୁ ଯୋଡ଼ି ଧ୍ୟାନ ମୁଦ୍ରାରେ ବସି ଶ୍ୱାସପ୍ରଶ୍ୱାସକୁ ଅନୁଭବ କରିବାକୁ ହୋଇଥାଏ। ନିୟମିତ ଅଭ୍ୟାସ ଦ୍ୱାରା ଏକାଗ୍ରତା ଆସିଥାଏ। ଏହାଦ୍ୱାରା ଆମ ମଧ୍ୟରେ ଥିବା ସପ୍ତଚକ୍ର ସକ୍ରିୟ ହୋଇ ଆତ୍ମା ପରମାତ୍ମାଙ୍କୁ ସଂଯୋଗ କରିଥାଏ। ଫଳରେ ମନୁଷ୍ୟ ଶାନ୍ତି ପ୍ରାପ୍ତ ହେବାସହ ମୁକ୍ତିର ମାର୍ଗରେ ଅଗ୍ରସର ହୋଇପାଇବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଅଖଣ୍ଡ ଧ୍ୟାନୀ ଗଣେଶ୍ୱରଜୀ ଯୋଗଦେଇ ଶନିବାରଠାରୁ ରବିବାର ପୂର୍ବାହ୍ନ ପର୍ଯ୍ୟନ୍ତ ଅଖଣ୍ଡ ଧ୍ୟାନରେ ବସିଥିଲେ। ରବିବାର ସକାଳେ ପବିତ୍ର ବେଦବ୍ୟାସ ପୀଠରେ ଧ୍ୟାନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସକାଳ ୯ ଟାରେ ତ୍ରିବେଣୀ ଆଳତି ଅନୁଷ୍ଠିତ ହୋଇଥିଲା। ପରେ ବେଦବ୍ୟାସସ୍ଥିତ ବ୍ୟାସ ଗୁମ୍ଫା ସମ୍ମୁଖରେ ଧାନଯୋଗ ଅନୁଷ୍ଠିତ ହୋଇଥିଲା। ଏଥିରେ ପିଏମସି ହିନ୍ଦୀର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ତଥା ସମ୍ବିବାଳା ସ୍ପିରିଚୁଆଲ ଫାଉଣ୍ଡେସନ ନିର୍ଦ୍ଦେଶିକା ଦୀପ୍ତି ମାରଦେଲା ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଇପ୍ସିତା ପୂଜାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଏହି ଧାନଯୋଗ କିପରି ଉପଯୋଗୀ ତାହା ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିପ୍ସା ଦାଶ, ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ଚିତ୍ତରଞ୍ଜନ ଦାଶ, ରାମ ମାଦେଲା, ସମର ପ୍ରୀତମ ଲେଙ୍କା, ସସ୍ମିତା ପଣ୍ଡାଙ୍କ ସମେତ ଅନ୍ୟ ଧ୍ୟାନୀମାନେ ଉପସ୍ଥିତ ରହି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

ଅପରାହ୍ନରେ ସିଭିଲ ଟାଉନସିପସ୍ଥିତ ତାରିଣୀ ମନ୍ଦିରରୁ ଏକ ଶାକାହାରୀ ଶୋଭାଯାତ୍ରା ବାହାରି ଚାମ୍ବର ଅଫ କମର୍ସ ପରିସରରେ ପହଞ୍ଚିଥିଲା। ସେଠାରେ ଅନୁରୂପ ପୂର୍ଣ୍ଣିମା ଧ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଷ୍ଟିସ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଧ୍ୟାନ ଦ୍ୱାରା କିପରି ତାଙ୍କ ବ୍ୟକ୍ତିଗତ ଜୀବନ ତଥା ବୃତ୍ତିଗତ ଜୀବନରେ ସଫଳତା ପାଇଛନ୍ତି ସେ ବିଷୟରେ ପ୍ରକାଶ କରିବା ସହ ଧ୍ୟାନ କରିବା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟର କଟକଣା ନାହିଁ ବୋଲି କହିଥିଲେ। ଏଥିରେ ବହୁ ସଂଖ୍ୟକ ଆଧ୍ୟାତ୍ମିକବାଦୀ ବ୍ୟକ୍ତି, ବୁଦ୍ଧିଜୀବୀ, ବ୍ୟବସାୟୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

